ବର୍ଷ-୨୫, ସଂଖ୍ୟା-୨୧୧
ଭୁବନେଶ୍ୱର
୦୭, ଅଗଷ୍ଟ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 211
Bhubaneswar
07, August, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଛାଡ଼ପତ୍ର ନେବେ ହଂସିକା ମୋଟୱାନି

# ଭାରତ ଉପରେ ଡବଲ୍ ଶୁଳ୍କ ଲଗାଇଲେ ଟ୍ରମ୍ପ

**ନୂଆଦିଲ୍ଲୀ,୬।୮ (ମହାଭାରତ):** ଋଷ ପାଇଁ ଭାରତ ଉପରେ ପୁଣି ଶୁଳ୍କ ଲଦିଲେ ଟ୍ରମ୍ପ। ଆଜି ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଫଳରେ ଭାରତର ମୋଟ ଆମେରିକୀୟ ଶୁଳ୍କ ୫୦ ପ୍ରତିଶତ ହୋଇ ଯାଇଛି।ଯାହା ଚୀନ ଠାରୁ ବି ଅଧିକ। କାରଣ ଆମେରିକା ସରକାର ଚୀନ ଉପରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି।ଏହା ଭାରତ ଠାରୁ ୨୦% କମ ରହିଛି।

ଋଷ ଠାରୁ ତେଲ କିଣୁଥିବା ଯୋଗୁ ଭାରତ ଉପରେ ଏହି ଶୁଳ୍କ ଲାଗୁ କରାଯାଇଛି। ଏହା ପୂର୍ବରୁ ସୋମବାର ଟ୍ରମ୍ପ ଆମେରିକା ମିଡିଆ ସିଏନ୍‌ବିସିକୁ ପ୍ରତିକ୍ରିୟା ଦେଇ ଭାରତ ଉପରେ ଶୁଳ୍କ ବୃଦ୍ଧି କରିବାକୁ ଧମକ ଦେଇଥିଲେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆମେ ଶୁଳ୍କ ବଢ଼ାଇବୁ ବୋଲି ଟ୍ରମ୍ପ କହିଥିଲେ। ସତକୁ ସତ ବୁଧବାର ଭାରତ ଉପରେ ଅତିରିକ୍ତ ବୋଝ ଲଦିଛନ୍ତି। ମୋଦୀଙ୍କ ପରମ ମିତ୍ର କହି ଶତ୍ରୁତା ଦେଖାଉଥିବା ଟ୍ରମ୍ପ ଶୁଳ୍କ ବୃଦ୍ଧି ନେଇ କାର୍ଯ୍ୟକାରୀ ନିର୍ଦ୍ଦେଶରେ ଟ୍ରମ୍ପ ବୁଧବାର ସାଇନ୍ କରିଛନ୍ତି। ଆଜି ଠାରୁ ୨୧ ଦିନ ପରେ ଏହି ଅତିରିକ୍ତ ଶୁଳ୍କ ଲାଗୁ ହେବ। ଅଗଷ୍ଟ ୨୭ ତରିଖରେ ନୂଆ ଶୁଳ୍କ ଲାଗୁ ହେବ ବୋଲି ଏହି ନିର୍ଦ୍ଦେଶନାମାରେ କୁହାଯାଇଛି।

ବୁଧବାର ଟ୍ରମ୍ପ ସାଇନ କରିଥିବା ନିର୍ଦ୍ଦେଶନାମାରେ ୯ଟି ପ୍ରସଙ୍ଗ ରହିଛି।



ଯେଉଁଥିରେ ଟ୍ୟାକ୍ସ ଲଗାଇବାର ପୃଷ୍ଠଭୂମି, ଶୁଳ୍କ, ଶୁଳ୍କର ପରିସର ଏବଂ ଷ୍ଟାକିଂ ଭଳି ବିଭିନ୍ନ ଦିଗର ବିବରଣୀ ଉଲ୍ଲେଖ କରାଯାଇଛି।

ଶୁଳ୍କ ଲାଗୁ କରିବାର କାରଣ ଦର୍ଶାଇ ଟ୍ରମ୍ପ ଆମେରିକାରେ ଏସମ୍ପର୍କିତ ଥିବା ନିୟମ ବିଷୟରେ ଉଲ୍ଲେଖ କରିଥିଲେ। ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧ କରିବା ଏବଂ ଆମେରିକାର ବୈଦେଶିକ ନୀତିକୁ ପ୍ରଭାବିତ କରିବା ପାଇଁ ଶକ୍ତି ଏବଂ ତୈଳ ସମେତ ରୁଷ ସାମଗ୍ରୀର ଆମଦାନୀକୁ ସୀମିତ କରିବା ପାଇଁ ଆମେରିକାରେ ବିଭିନ୍ନ ଆଇନ କାର୍ଯ୍ୟକାରୀ ହେଉଛି ବୋଲି ଟ୍ରମ୍ପ କହିଥିଲେ।

ଟ୍ରମ୍ପ ଦସ୍ତଖତ କରିଥିବା ନିର୍ଦ୍ଦେଶନାମାରେ କୁହାଯାଇଛି କାର୍ଯ୍ୟକାରୀ ନିର୍ଦ୍ଦେଶ ୧୪୦୬୬ ରେ ବର୍ଣ୍ଣିତ ଜାତୀୟ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ, ମୁଁ ଭାରତର ସାମଗ୍ରୀ ଆମଦାନୀ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଉଛି। ଏହା ଆବଶ୍ୟକ ଓ ଉପଯୁକ୍ତ। କାରଣ ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆନ ଫେଡେରେସନ ତୈଳ ଆମଦାନୀ କରୁଛି। ତେବେ ଆମେରିକାକୁ ରପ୍ତାନୀ ହେବା ପାଇଁ ପୂର୍ବରୁ ବାହାରି ସାରିଥିବା ସାମଗ୍ରୀ ଗୁଡ଼ିକ ଉପରେ ନୂଆ ଶୁଳ୍କର ଡେଡ୍‌ଲାଇନ ଲାଗୁ ହେବ ନାହିଁ ବୋଲି ଏଥିରେ କୁହାଯାଇଛି। କେବଳ ସେତିକି ନୁହେଁ ଟ୍ରମ୍ପ ପୁଣିଥରେ ଏସିଆନ ପାର୍ଟନରମାନଙ୍କୁ ଧମକ ଦେଇଛନ୍ତି। ଯଦି କେହି ବି ଆମ ଶୁଳ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ତେବେ ସଂଶୋଧିତ ଶୁଳ୍କକୁ ମୁଁ ପୁଣିଥରେ ପରିବର୍ତ୍ତନ କରିପାରିବେ ବୋଲି ଟ୍ରମ୍ପ କହିଛନ୍ତି। ଋଷ ଠାରୁ ତେଲ ଆମଦାନୀ କରୁଥିବା କୌଣସି ଦେଶକୁ ଛଡ଼ାଯିବ ନାହିଁ। ବିଶ୍ୱର ଅନ୍ୟ କେଉଁ ଦେଶ ଋଷ ଠାରେ ତେଲ କିଣୁଛନ୍ତି ସେମାନଙ୍କୁ ଚିହ୍ନଟ କରିବା ଟ୍ରମ୍ପ ତାଙ୍କର ପ୍ରମୁଖ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।କେବଳ ସେତିକି ନୁହେଁ ଏହି ଦେଶଗୁଡ଼ିକ ଉପରେ ବି କେତେ ପରିମାଣରେ ଶୁଳ୍କ ଲାଗୁ କରାଯାଇ ପାରିବ ସେ ବିଷୟରେ ମଧ୍ୟ ପରାମର୍ଶ ଲୋଡ଼ିଛନ୍ତି।

ଟ୍ରମ୍ପ ସୂଚେଇ ଦେଇଥିଲେ ଯେ ସେ ଔଷଧ ଆମଦାନୀ ଉପରେ ଶୁଳ୍କକୁ ୨୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ, ଯାହା ଏପର୍ଯ୍ୟନ୍ତ ସେ ପ୍ରସ୍ତାବ ଦେଇଥିବା ସବୁଠାରୁ ବଡ଼ ଶୁଳ୍କ ହୋଇପାରେ। ସେ କମ୍ ଶୁଳ୍କ ସହିତ ଆରମ୍ଭ କରିବେ, କିନ୍ତୁ ୧୮ ମାସ ମଧ୍ୟରେ ଧୀରେ ଧୀରେ ଏହାକୁ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତ।। ପ୍ରଥମେ ୧୫୦ ପ୍ରତିଶତ ଏବଂ ଶେଷରେ ୨୫୦ ପ୍ରତିଶତ ପର୍ଯ୍ୟନ୍ତ ଏହା ପହଞ୍ଚିପାରେ।

# ଖୁବ୍‌ଶୀଘ୍ର ୧୬୩୫ ନୂତନ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ

**ଭୁବନେଶ୍ୱର,୬।୮ (ମହାଭାରତ):** ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ୧୬୩୫ଟି ନୂତନ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ କରାଯିବ। ନୂତନ ରାଜସ୍ୱ ଗ୍ରାମର ସୀମା ଯେଉଁଭଳି ପୁରୁଣା ଗ୍ରାମ ସହ ସଂଶ୍ଳିଷ୍ଟ ନ ରହିବ, ସେନେଇ ରାଜସ୍ୱ ବିଭାଗ ପକ୍ଷରୁ ଏକ ଏସଓପି ଜାରି କରାଯାଇଛି। ବିଭାଗର ଏସଓପି ଅନୁଯାୟୀ, ତୁରନ୍ତ ନୂତନ ରାଜସ୍ୱ ଗ୍ରାମଗୁଡ଼ିକର ନକ୍ସା ପରିବର୍ତ୍ତନ କରିବାକୁ ରାଜ୍ୟ ଭୂ- ରେକର୍ଡ ଓ ସର୍ଭେ ଓ ସର୍ଭେ ନିର୍ଦ୍ଦେଶକଙ୍କ ସହ ସମସ୍ତ ଜିଲାପାଳ ଏବଂ ଆଡିସିଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିଠିରେ ଲେଖିଛନ୍ତି ଦୀର୍ଘଦିନ ଧରି ନୂତନ ରାଜସ୍ୱ ଗ୍ରାମ ଓ ଏହାର ସୀମା ପୁନଃ ନିର୍ଦ୍ଧାରଣ ଲାଗି ଦାବିହୋଇ ଆସୁଥିଲା। ଏହାକୁ ନେଇ ଜିଲାପାଳ, ବନ୍ଦୋବସ୍ତ ଅଧିକାରୀଙ୍କ ପକ୍ଷରୁ ଆସିଥିବା ସୁପାରିସ୍‌କୁ ଆଧାରକରି ସରକାରଙ୍କ ପକ୍ଷରୁ ୧୬୩୫ଟି ରାଜସ୍ୱ ଗ୍ରାମକୁ ଅନୁମୋଦନ ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୧୬୩୫ଟି ରାଜସ୍ୱ ଗ୍ରାମ ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ ମିଳିଛି। ରାଜସ୍ୱ ଗ୍ରାମ ବିଭାଜନ ଦ୍ୱାରା ଦୁଇଟି ଅଲଗା ଗ୍ରାମ ପାଇଁ ନୂତନ ଭୂ-ରେକର୍ଡ ପ୍ରସ୍ତୁତ ହେବା ଉଚିତ୍, ଯେଉଁଥିରେ ପ୍ରତ୍ୟେକ ରାଜସ୍ୱ ଗ୍ରାମ ନୂତନ ଖାତା ଓ ପ୍ଲଟ୍ ତଥ୍ୟ ରହିବା ଜରୁରୀ। ନୂତନ ରାଜସ୍ୱ ଗ୍ରାମ ସୀମା ପୁନଃ ନିର୍ଦ୍ଧାରଣ ବେଳେ ଯେପରି ପୁରୁଣା ରାଜସ୍ୱ ଗ୍ରାମର ରେକର୍ଡ ମିଶି ନ ଯାଏ ସେଥି ପ୍ରତି ଦୃଷ୍ଟି ଦେବାକୁ ଏସିଏସ୍ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ରାଜ୍ୟରେ ୧୯୯୧ରୁ ୨୦୨୪ ପର୍ଯ୍ୟନ୍ତ ୩୪ ବର୍ଷ ଭିତରେ ମାତ୍ର ୧ ହଜାର ଗାଁକୁ ରାଜସ୍ୱ ଗାଁ ଭାବେ ଘୋଷିତ ହୋଇଥିଲା। ହେଲେ ପୂର୍ବତନ ସରକାର ସେଥିରୁ ମାତ୍ର ୩୦୦ ଗାଁର ମ୍ୟାପ ପ୍ରସ୍ତୁତ ହୋଇଥିଲା। କିନ୍ତୁ ବାକି ୭୦୦ ଗାଁର ମ୍ୟାପ କରିପାରିଲେ ନାହିଁ ପୂର୍ବ ସରକାର। ତେଣୁ ମ୍ୟାପ ହୋଇନଥିବା ବାକି ଗାଁ ଏବଂ ନୂଆ ଗାଁ ମିଶାଇ ୧୬୩୫ ରାଜସ୍ୱ ଗାଁ ଗୁଡ଼ିକର ମ୍ୟାପ କରିବା ପାଇଁ ଯାଉଛନ୍ତି ସରକାର। ସେଥିପାଇଁ ପ୍ରତି ତହସିଲରେ ହେବ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ସେଲ। ଏହାସହ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଏହି ଗାଁ ଗୁଡିକ ମାନ୍ୟତା ପାଇବା ସହ କାର୍ଯ୍ୟକାରୀ ହେବ। ୩୪ ବର୍ଷ ଭିତରେ ପୂର୍ବତନ ସରକାର ମାନେ ଯାହା କରିପାରିଲେ ନାହିଁ, ବିଜେପି ସରକାର ଏବେ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ରାଜସ୍ୱ ଗାଁ ହେଲା ପରେ ସ୍ୱତନ୍ତ୍ର ମ୍ୟାପ ହେବ। ମୂଳ ଗାଁରେ ଥିବା ଲୋକଙ୍କ ଖାତା ନମ୍ବର ପ୍ଲଟ ନମ୍ବର ମଧ୍ୟ ପରିବର୍ତ୍ତନ ହୋଇ ନୂଆ ହେବ। ଭୂଲେଖରେ ମଧ ଗାଁର ନାମ ସ୍ଥାନ ପାଇବ। ୨୫୦ରୁ ଅଧିକ ଜନସଂଖ୍ୟା ଏବଂ ମୂଳ ରାଜସ୍ୱ ଗାଁକୁ ୫୦୦ ମିଟର ଦୂରତା ଥିବା ପଡ଼ା ଗାଁ ଗୁଡ଼ିକୁ କରାଯିବ ରାଜସ୍ୱ ଗ୍ରାମ। ଅନ୍ୟ ସବୁ କଟକଣା ଉଠାଇ ଦେଇଛନ୍ତି ବିଜେପି ସରକାର ବୋଲି ସେ କହିଛନ୍ତି।

## ସିବିଏସ୍‌ଇ ପିଲାଙ୍କ ୭୫% ଉପସ୍ଥାନ ବାଧ୍ୟତାମୂଳକ

ଭୁବନେଶ୍ୱର,୬।୮ (ମହାଭାରତ): ସିବିଏସ୍‌ଇ ଦଶମ, ଦ୍ୱାଦଶ ଛାତ୍ରଛାତ୍ରୀଙ୍କ ପାଇଁ ୭୫% ଉପସ୍ଥାନ ବାଧ୍ୟତାମୂଳକ। ୨୦୨୬ ବୋର୍ଡ ପରୀକ୍ଷା ଯୋଗ୍ୟତା ହାସଲ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଅଚାନକ ଯାଞ୍ଚ, ହେରଫେର ହୋଇଥିବା ରେକର୍ଡ ପାଇଁ ଶୂନ୍ୟ ସହନଶୀଳତା ଆପଣାଯିବ। ବିଶେଷକରି ଡମି ପରୀକ୍ଷାର୍ଥୀମାନଙ୍କୁ ରୋକିବା ପାଇଁ ସିବିଏସ୍‌ଇ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏଥିରେ ହେରଫେର ହୋଇଥିବା ଜଣାପଡିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଫିଲେଟେଡ୍ ସ୍କୁଲଗୁଡ଼ିକରେ ଶୈକ୍ଷିକ ଶୃଙ୍ଖଳା ପାଇଁ ଏହି ପରାମର୍ଶ ଦିଆଯାଇଛି।

ପୂର୍ବରୁ ଅନେକ ସମୟରେ ଡମି ପରୀକ୍ଷାର୍ଥୀ ପିଲାଙ୍କ ପାଇଁ ପରୀକ୍ଷା ଦେଉଥିବା ଘଟଣା ଦେଖିବାକୁ ମିଳିଛି। ତେଣୁ ଏହାକୁ ରୋକିବାକୁ ୭୫ ପ୍ରତିଶତ ଉପସ୍ଥାନକୁ ବାଧ୍ୟତାମୂଳକ କରାଯିବା ନେଇ ନିଷ୍ପତି ହୋଇଛି। ଅର୍ଥାତ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ ନହେଲେ ଏଥର ବୋର୍ଡ ପରୀକ୍ଷାରୁ ବଞ୍ଚିତ ହେବେ। ଛାତ୍ରଛାତ୍ରୀ ଏଥିପାଇଁ ଅଚାନକ ଯାଞ୍ଚ ମଧ୍ୟ କରାଯିବ। ଏଥିସହ ଅଭିଭାବକଙ୍କୁ ମଧ୍ୟ ଏନେଇ ଅବଗତ କରାଯିବ।

## ଜାପାନ ଓ ଚୀନ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୬।୮ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ଶେଷ ଆଡ଼କୁ ଜାପାନ ଏବଂ ଚୀନ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ଜାପାନରେ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବାବେଳେ ଚୀନରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ଯୋଗଦେବେ। ଗଲବାନ ଘାଟି ସଂଘର୍ଷ ପରେ ଏହା ମୋଦୀଙ୍କ ପ୍ରଥମ ଚୀନ ଗସ୍ତ ହେବ।



ଅଗଷ୍ଟ ୩୦ରେ ପ୍ରଧାନମନ୍ତ୍ରୀ ଜାପାନ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ମୋଦୀ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ସହ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବେ। ଏହି ବୈଠକରେ ଦୁଇ ଦେଶ ମଧ୍ୟରେ ରଣନୈତିକ, ଅର୍ଥନୈତିକ ଏବଂ ବୈଷୟିକ ସହଯୋଗକୁ ଆହୁରି ବୃଦ୍ଧି କରିବା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ୩୧ ଅଗଷ୍ଟରୁ ଚୀନ ଗସ୍ତରେ ଯିବେ। ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ମଧ୍ୟରେ ଚୀନର ତିଆନଜିନ୍ ସହରରେ ଅନୁଷ୍ଠିତ ହେବାକୁ ଥିବା ଏସସିଓ ସମ୍ମିଳନୀରେ ଯୋଗଦେବେ। ୨୦୧୯ ପରେ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଥମ ଚୀନ ଗସ୍ତ ହେବ। ଏସସିଓ ବୈଠକରେ ଆଞ୍ଚଳିକ ସୁରକ୍ଷା, ଆତଙ୍କବାଦ, ବାଣିଜ୍ୟ ସହଯୋଗ ଏବଂ ବହୁପାକ୍ଷିକ ସହଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।

ବର୍ତ୍ତମାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଋଷରୁ ତେଲ କିଣିବା ପାଇଁ ବ୍ରିକ୍ସ ଦେଶଗୁଡ଼ିକୁ ଟାର୍ଗେଟ କରିଛନ୍ତି ଏବଂ ଆମେରିକା ରାଷ୍ଟ୍ରପତି ଦାବି କରିଛନ୍ତି ଯେ ବ୍ରିକ୍ସ ଦେଶଗୁଡ଼ିକ ଡଲାରର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରୁଛନ୍ତି। ଏପରି ପରିସ୍ଥିତିରେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତକୁ ରଣନୈତିକ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।ଜୁନ୍ ମାସର ପ୍ରାରମ୍ଭରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚୀନ୍‌ର ଫିଙ୍ଗଡାଓ ସହରରେ ସାଂଘାଇ ସହଯୋଗ ସଂଗଠନ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ଏକ ଦଲିଲ୍ ସ୍ୱାକ୍ଷର କରିବାକୁ ମନା କରିଦେଇଥିଲେ। ଯାହାକି ଆତଙ୍କବାଦ ବିରୋଧରେ ଭାରତର କଠୋର ନୀତିକୁ ଦୁର୍ବଳ କରିପାରେ। ଆତଙ୍କବାଦ ପ୍ରସଙ୍ଗରେ ମତଭେଦ ଯୋଗୁଁ, ସାଂଘାଇ ସହଯୋଗ ସଂଗଠନ ଏକ ମିଳିତ ବିବୃତ୍ତି ଜାରି ନକରିବାକୁ ନିଷ୍ପତ୍ତି ନେଇଥିଲା।

## ୨୦ ଫୁଟ ତଳେ ଜୀବନ ଖୋଜା

**ଡେରାଡୁନ୍,୬।୮ (ମହାଭାରତ):** ଉତ୍ତରକାଶୀ ଜିଲ୍ଲାର ଧରାଳିର ଖିରଗାଡ଼ରେ ମଙ୍ଗଳବାର ବାଦଲଫଟା ଯୋଗୁଁ ହୋଇଥିବା ଭୟଙ୍କର ବନ୍ୟା ପରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୨୦ ଫୁଟ ପୋତି ହୋଇଯାଇଥିବା ଧରାଳୀ ଗାଁରୁ ଦେଢ଼ଶହରୁ ଅଧିକ ନିଖୋଜଙ୍କୁ ଖୋଜି ବାହାର କରିଛି ଏନଡିଆରଏଫ୍, ସେନା ଓ ଆଇଟିବିପିର ମିଳିତ ଟିମ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କ ସହ ଫୋନ ମାଧ୍ୟମରେ କଥା ହୋଇଛନ୍ତି ଏବଂ ଉତ୍ତରକାଶୀ ଜିଲ୍ଲାର ଧରାଳି ଅଞ୍ଚଳରେ ସମ୍ପ୍ରତି ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ସହ ବିପଦ ପରେ ଚାଲିଥିବା ରିଲିଫ ଓ ରେସକ୍ୟୁ କାର୍ଯ୍ୟର ବିଷୟରେ ପଚାରି ବୁଝିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ର ସରକାର ପକ୍ଷରୁ ସମ୍ଭବ ହେଉଥିବା ସମସ୍ତ ସହଯୋଗ ଦେବା ନିମନ୍ତେ ଆଶ୍ୱାସନା



ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଧାମୀ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି ଯେ, ରାଜ୍ୟ ସରକାର ରିଲିଫ ଓ ରେସକ୍ୟୁ କାର୍ଯ୍ୟରେ ପୂରା ତତ୍ପରତାର ସହ କାମ କରୁଛନ୍ତି। ଲାଗାତାର ପ୍ରବଳ ବର୍ଷା ହେଉଥିବାରୁ କିଛି ଅଞ୍ଚଳରେ ସମସ୍ୟା ସୃଷ୍ଟି ହେଉଛି, କିନ୍ତୁ ସମସ୍ତ ସମ୍ପୃକ୍ତ ଏଜେନ୍ସି ସମନ୍ୱୟ ସହ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଧାମୀ ଧରୋଲି ବଜାର, ହର୍ଷିଲ୍ ଏବଂ ଆଖପାଖ ଅଞ୍ଚଳରେ ବିପର୍ଯ୍ୟୟ ଦ୍ୱାରା ହୋଇଥିବା କ୍ଷତିର ନିରୀକ୍ଷଣ ପାଇଁ ସହସ୍ରଧାରା ହେଲିପ୍ୟାଡ଼ରୁ ଯାତ୍ରା କରିଛନ୍ତି। ସେ ବିପର୍ଯ୍ୟୟ ପ୍ରଭାବିତ ଧରୋଲି ବଜାର, ହର୍ଷିଲ୍ ଏବଂ ଆଖପାଖ ଅଞ୍ଚଳର ନିରୀକ୍ଷଣ କରିବେ ଓ ଉତ୍ତରକାଶୀରେ ବିପଦ ପ୍ରଭାବିତ ଅଞ୍ଚଳରେ ଚାଲିଥିବା ରିଲିଫ ଓ ରେସକ୍ୟୁ କାର୍ଯ୍ୟର ସମୀକ୍ଷା କରିବେ।

ଅତିରିକ୍ତ ସଚିବ ଆନନ୍ଦ ସ୍ୱରୂପ ବିପର୍ଯ୍ୟୟ ସହାୟତା ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ଜିଲ୍ଲା ଅଧିକାରୀ ଉତ୍ତରକାଶୀକୁ ୨୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଲଗାତାର ଚତୁର୍ଥ ଦିନ ବୁଧବାର ବର୍ଷା ଯୋଗୁଁ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ସମତଳ ଜିଲ୍ଲାଗୁଡ଼ିକରେ ଜଳବନ୍ଦୀ ଏବଂ ପାହାଡିଆ ଅଞ୍ଚଳରେ ସଂଯୋଗକାରୀ ରାସ୍ତା କ୍ଷତିଗ୍ରସ୍ତ ହୋଇଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ଧରାଳିରେ ରିଲିଫ୍ ଏବଂ ଉଦ୍ଧାର ଅଭିଯାନ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଉତ୍ତରାଖଣ୍ଡରେ ଉତ୍ତରକାଶୀ ଜିଲ୍ଲାର ଧରାଳିର ଖିରଗାଡରେ କାଲି ବାଦଲଫଟା ବର୍ଷା ଯୋଗୁଁ ହୋଇଥିବା ଭୟଙ୍କର ବନ୍ୟା ପରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ସେନା, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ, ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ, ଜିଲ୍ଲା ପ୍ରଶାସନ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଦଳ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି। ଏପର୍ଯ୍ୟନ୍ତ ୧୩୦ ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

## ରେପୋ ରେଟ୍ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୬।୮ (ମହାଭାରତ): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଆଜି ପ୍ରମୁଖ ନୀତିଗତ ସୁଧ ହାର ଘୋଷଣା କରିଛି। ମୁଦ୍ରା ନୀତି କମିଟିର ତିନି ଦିନିଆ ବୈଠକ ପରେ, ଆରବିଆଇ ଗଭର୍ନର ସଂଜୟ ମଲହୋତ୍ରା ମୁମ୍ବାଇରେ ଆଜି କହିଛନ୍ତି ଯେ, ଏଥର ରେପୋ ରେଟରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ତିନିଟି ଲଗାତାର ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ କମାଇଥିଲା ଏବଂ ଏହା ବର୍ତ୍ତମାନ ୫.୫୦ ପ୍ରତିଶତରେ ଅପରିବର୍ତ୍ତିତ ଅଛି। ଏହା ପୂର୍ବରୁ, ଜୁନ ମାସର ମନିଟାରୀ ପଲିସିରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟରେ ୫୦ ବେସିସ୍ ପଏଣ୍ଟ ଏବଂ ଏପ୍ରିଲ ପଲିସିରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିଥିଲା।ରେପୋ ରେଟ୍‌ରେ ହ୍ରାସ କରାଯାଇନଥିବାରୁ ଘର ଋଣ ନେଇଥିବା ବର୍ତ୍ତମାନ ଗ୍ରାହକଙ୍କ ସହିତ ସେମାନେ ମଧ୍ୟ ନିରାଶ ହୋଇଛନ୍ତି, ଯେଉଁମାନେ ଘର କିଣିବା ପାଇଁ ହୋମ୍ ଲୋନ୍ କିମ୍ବା ଗାଡ଼ି କିଣିବା ପାଇଁ ରେପୋ ରେଟ୍ କମିବାର ଅପେକ୍ଷା କରୁଥିଲେ। ଗଭର୍ଣ୍ଣର ମାଲହୋତ୍ରା ନିଶ୍ଚିତ କରିଛନ୍ତି ଯେ ଏମପିସି ସର୍ବସମ୍ମତିକ୍ରମେ ସୁଧ ହାରକୁ ୫.୫%ରେ ସ୍ଥିର ରଖିବାକୁ ନିଷ୍ପତ୍ତି ନେଇଛି।

## ଜଳିଗଲେ ଆଉ ଜଣେ ଛାତ୍ରୀ

ପଟ୍ଟାମୁଣ୍ଡାଇ,୬।୮ (ମହାଭାରତ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡପଡା ପଞ୍ଚାୟତ କାଠିଆପଡା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଜନୈକା କଲେଜ ଛାତ୍ରୀ ନିଜ ପ୍ରେମିକଙ୍କ ବ୍ଲାକମେଲର ଶିକାର ହୋଇ ଦେହରେ କିରୋସିନ ଢାଳି ହୋଇ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁବରଣ କରିଥିବାବେଳେ ପରିବାର ଲୋକମାନେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଘଟଣାସ୍ଥଳରେ ଏସପି, ଏସ୍‌ଡିପିଓ, ଆଇଆଇସି ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।ତେବେ ଏହି ଘଟଣା ନେଇ ପୋଲିସ ପ୍ରଶାସନ ଉପରେ ସାଂଘାତିକ ଅଭିଯୋଗ କରିଛନ୍ତି ଛାତ୍ରୀଙ୍କ ବାପା। ମୃତ ଛାତ୍ରୀଙ୍କ ବାପା କହିଛନ୍ତି ପୁରୁଷ ବନ୍ଧୁର ଧମକଚମକ କଥା ଆମେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲୁ। ହେଲେ ପୋଲିସର ଖାମଖିଆଲି ମନୋବୃତ୍ତି ଯୋଗୁଁ ଝିଅର ଆଜି ଏଭଳି ଦଶା ହୋଇଛି।

ଘଟଣାରୁ ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡପଡା ପଂଚାୟତ କାଠିଆପଡା ଗ୍ରାମର ଶଶିକାନ୍ତ ପରିଡାଙ୍କ ଝିଅ ପି,ଡି ସଂଗୀତା ଜନୈକ ଯୁବକଙ୍କୁ ପ୍ରେମ କରୁଥିଲେ। ସେହି ପ୍ରେମିକ ଜଣକ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରଲ କରିଦେବାକୁ ଧମକ ଦେଇଥିଲା। ପ୍ରେମିକଙ୍କ ବ୍ଲାକମେଲର ଶିକାର ହୋଇ ପି ଡି ସଂଗୀତା ମାନସିକ ଭାରସାମ୍ୟ ହରାଇ ନିଜ ଦେହରେ କିରୋସିନ ଢାଳି ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁବରଣ କରିଛି। ସେ ବଡପଡା କଲେଜରେ +୩ ଶେଷବର୍ଷ କଳା ଛାତ୍ରୀ ଥିଲେ। ଆଜି ସକାଳ ୭. ୩୦ ମିନିଟ ସମୟରେ ମୃତା ପି ଡି ସଂଗୀତାଙ୍କ ବାପା-ମା କୌଣସି କାମରେ ପଟ୍ଟାମୁଣ୍ଡାଇ ଯାଇଥିଲେ। ଘରେ ଝିଅ ପି ଡି ସଂଗୀତା ଏକୁଟିଆ ଥିଲେ। ବାପା-ମା ଘରକୁ ଫେରି ପି ଡି ସଂଗୀତାଙ୍କ ରୁମ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ବହୁ ଡକାଡକି ପରେ ସେ କବାଟ ନଖୋଲିବାରୁ ବାପା-ମା ବାଧ୍ୟ ହୋଇ କବାଟ ଭାଙ୍ଗି ତାଙ୍କ ରୁମ ଭିତରେ ପ୍ରବେଶ କରି ଝିଅ ପି ଡି ସଂଗୀତା ଦେହରେ କିରୋସିନ ଢାଳି ପୋଡି ହୋଇ ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ। ତେବେ ପି ଡି ସଂଗୀତା ପୋଡି ହୋଇ ମୃତ୍ୟୁବରଣ କରିଥିଲେ ମଧ୍ୟ ଘର ବିଶେଷ ପୋଡି ନଥିବାରୁ ପି ଡି ସଂଗୀତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି।



ତାଙ୍କର ଗତକାଲି କଲେଜରେ ପରୀକ୍ଷା ଥିଲା ବୋଲି କେତେକ ସୂତ୍ରରୁ ଜଣାପଡିଛି। ମୃତା ପି ଡି ସଂଗୀତା ଗୋଟିଏ ପୁଅକୁ ଭଲ ପାଉଥିଲେ। ତାଙ୍କ ପ୍ରେମିକ ଜନକ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରଲ କରିଦେବାକୁ ଧମକ ଦେଇଥିଲା। ପି ଡି ସଂଗୀତାଙ୍କ ପରିବାର ଲୋକମାନେ ଝିଅ ସହିତ ସମ୍ପୃକ୍ତ ଯୁବକର ପ୍ରେମ ସମ୍ପର୍କକୁ ବିରୋଧ କରୁଥିଲେ। ସମ୍ପୃକ୍ତ ପୁଅ ବିରୋଧରେ ପରିବାର ଲୋକମାନେ ୪ମାସ ତଳେ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ।

## ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ଓଡ଼ିଆ ସାଇନବୋର୍ଡ ବାଧ୍ୟତାମୂଳକ

**ଭୁବନେଶ୍ୱର,୬।୮** (ମହାଭାରତ) : ଓଡ଼ିଶାର ସାର୍ବଜନୀନ ସ୍ଥାନରେ ଓଡ଼ିଆ ଭାଷାର ପ୍ରାଧାନ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ନଗରାଞ୍ଚଳରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କୁ ଓଡ଼ିଆ ଲିପିରେ ସାଇନବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।



ପ୍ରମୁଖ ସଚିବ ଉଷା ପାଢ଼ୀ ଏହି ନିର୍ଦ୍ଦେଶନାମା ଜାରି କରି ନଗର ନିଗମ, ପୌରପାଳିକା ଓ ଅଧିସୂଚିତ ଅଞ୍ଚଳ ପରିଷଦ (ଏନଏସି) ଅଧୀନରେ ଥିବା ସମସ୍ତ ପ୍ରତିଷ୍ଠାନଙ୍କୁ ୫୫ ଦିନ ମଧ୍ୟରେ ଏହି ନିୟମ ପାଳନ କରିବାକୁ କହିଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ସାଇନବୋର୍ଡର ମୋଟ ଅଞ୍ଚଳର ଅତି କମରେ ୬୦ ପ୍ରତିଶତ ଓଡ଼ିଆ ଲିପିରେ ହେବା ଆବଶ୍ୟକ।ଯେଉଁ ପ୍ରତିଷ୍ଠାନମାନେ ଏହି ନିୟମ ପାଳନ କରିବେ ନାହିଁ, ସେମାନଙ୍କୁ ପ୍ରଥମେ ଔପଚାରିକ ନୋଟିସ ଜାରି କରାଯିବ ଏବଂ ୫୫ ଦିନର ସମୟ ଦିଆଯିବ। ଏହା ପରେ ମଧ୍ୟ ନିୟମ ଉଲ୍ଲଙ୍ଘନ କଲେ ଦୈନିକ ୫୦୦ ଟଙ୍କା ଜରିମାନା ଲାଗୁ ହେବ। ଅନ୍ୟପକ୍ଷରେ, ନିୟମ ପାଳନ କରୁଥିବା ପ୍ରତିଷ୍ଠାନମାନେ ଟ୍ରେଡ଼ ଲାଇସେନ୍ସ ନବୀକରଣ ଫି’ରେ ୫ ପ୍ରତିଶତ ରିହାତି ପାଇବେ, ଯାହା ସୁଯୋଗ କିମ୍ବା ଭୁବନେଶ୍ୱର.ମି ପୋର୍ଟାଲ ମାଧ୍ୟମରେ ଉପଲବ୍ଧ ହେବ।

ନଗର ସ୍ଥାନୀୟ ନିଗମ (ୟୁଏଲବି)ମାନଙ୍କୁ ଟ୍ରେଡ଼ ଲାଇସେନ୍ସ ନବୀକରଣ ଏବଂ ନିୟମିତ ପରିଦର୍ଶନ ସମୟରେ ଏହି ନିୟମର ପାଳନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ୨୦୨୫ ସେପ୍ଟେମ୍ବର ୩୦ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଆବଶ୍ୟକ। ଏହା ସହିତ, ୟୁଏଲବିମାନଙ୍କୁ ଦୋକାନୀ ଓ ବ୍ୟବସାୟୀ ମାନଙ୍କ ମଧ୍ୟରେ ଏହି ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ପାଳନରେ ସହାୟତା ପ୍ରଦାନ କରିବାକୁ କୁହାଯାଇଛି। ସମସ୍ତ ୟୁଏଲବିଙ୍କୁ ୬୦ ଦିନ ମଧ୍ୟରେ ଏକ ବିସ୍ତୃତ ପାଳନ ରିପୋର୍ଟ ନଗର ପ୍ରଶାସନ ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୬।୮ (ମହାଭାରତ):** ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଭିନ୍ନ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଷୟରେ ଆଲୋଚନା କରିଛନ୍ତି।

ଏହି ଅବସରରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଛନ୍ତି। ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଆଜି ନୂଆଦିଲ୍ଲୀରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି। ଏହି ଅବସରରେ ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା।





ସେହିପରି ମୁଖ୍ୟମନ୍ତ୍ରୀ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ମହାନଦୀ ଜଳ ସମସ୍ୟା ଏବଂ ଏହାର ନିରପେକ୍ଷ ଓ ନ୍ୟାୟସଙ୍ଗତ ସମାଧାନ ବିଷୟରେ ଆଲୋଚନା କରିଛନ୍ତି। ଏହାସହ ଶ୍ରୀ ପାଟିଲଙ୍କୁ ’ଭିଜନ ଓଡ଼ିଶା ୨୦୩୬ୟ ୨୦୪୭’ ପ୍ରଦାନ କରିଛନ୍ତି।

ସେହିପରି କେନ୍ଦ୍ର ଭାରୀ ଶିଳ୍ପ ଓ ସାର୍ବଜନୀନ ଉଦ୍ୟୋଗ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଭାରୀ ଶିଳ୍ପ ଓ ସାର୍ବଜନୀନ ଉଦ୍ୟୋଗ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ସହ ସାକ୍ଷାତ କଲି। ଏହି ଅବସରରେ ଓଡ଼ିଶାରେ ଇସ୍ପାତ କ୍ଷେତ୍ରର ବିକାଶ, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏବଂ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଆଦି ବିଷୟରେ ଆଲୋଚନା କରିଥିଲି। ଏହା ସହ ତାଙ୍କୁ ’ଭିଜନ ଓଡ଼ିଶା ୨୦୩୬। ୨୦୪୭’ ପ୍ରଦାନ କରିଥିଲି।ଏହା ପୂର୍ବରୁ କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଭେଟିଥିଲେ ମୁଖ୍ୟମନ୍ତ୍ରୀ। ରାଜ୍ୟରେ ଆଶା କରାଯାଇଥିବା ବଳକା ଧାନକୁ ଦୃଷ୍ଟିରେ ରଖି ଆଗାମୀ ଋତୁ ପାଇଁ ଧାନ ସଂଗ୍ରହ ଲକ୍ଷ୍ୟ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସମୟସୀମା ମଧ୍ୟରେ ସ୍ଥାନାନ୍ତର ସୁନିଶ୍ଚିତ କରିବା ପାଇଁ ଏଫ୍‌ସିଆଇ ଦ୍ୱାରା ମାସିକ ଚାଉଳ ଉଠାଣ ବୃଦ୍ଧି କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ସରକାରଙ୍କ ସକ୍ରିୟ ପଦକ୍ଷେପ, ଯେଉଁଥିରେ ବାଜରା ପ୍ରୋତ୍ସାହନ ଏବଂ ସଂରକ୍ଷଣ ଭିତ୍ତିଭୂମିର ପ୍ରସାର ଅନ୍ତର୍ଭୁକ୍ତ, ଉପରେ ମଧ୍ୟ ଆଲୋକପାତ କରାଯାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସାଂସଦ ଭର୍ତ୍ତୃହରି ମହତାବ, ସସ୍ମିତ ପାତ୍ର, ପ୍ରଦୀପ ପୁରୋହିତ, ସଙ୍ଗୀତା କୁମାରୀ ସିଂହଦେଓ, ଅନୀତା ଶୁଭଦର୍ଶିନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କୁଖ୍ୟାତ ନକ୍ସଲ କମାଣ୍ଡର ନିହତ

ରାଞ୍ଚି,୬।୮ : ଝାରଖଣ୍ଡର ଗୁମଲା ଜିଲ୍ଲା ପୋଲିସ ବଡ଼ ସଫଳତା ହାସଲ କରିଛି। ମଙ୍ଗଳବାର ରାତିରେ ପୋଲିସ ପିପୁଲ୍ସ ଲିବେରେସନ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆର କମାଣ୍ଡର୍ ମାର୍ଟିନ୍ କେରକେଟ୍ଟାଙ୍କ ଏନକାଉଣ୍ଟରରେ ନିହତ ହୋଇଛି। କେରକେଟ୍ଟାଙ୍କ ଉପରେ ୧୫ ଲକ୍ଷ ଟଙ୍କାର ଇନାମ ଘୋଷଣା କରାଯାଇଥିଲା। ଗୁମଲା ଜିଲ୍ଲାର କାମଡାରା ଥାନା ଅଞ୍ଚଳର ପାରହି ଜଙ୍ଗଲର ଚଙ୍ଗାବାଡ଼ୀରେ ଘଟିଥିବା ଏହି ଗୁଳି ବିନିମୟରେ ତାଙ୍କ ଠାରୁ ଅସ୍ତ୍ର ଉଦ୍ଧାର କରାଯାଇଛି। ଏସପି ହରିଶ ବିନ ଜମାଙ୍କୁ କାମଡାରା ଥାନା ଅଞ୍ଚଳର ଚଙ୍ଗାବାଡ଼ୀ ଉପରଟୋଲିରେ ନକ୍ସଲ ଲୁଚିଥିବା ସୂଚନା ମିଳିଥିଲା। ଏହା ଆଧାରରେ ଗଠିତ ଏକ ଟିମ୍ ଅଭିଯାନ ଆରମ୍ଭ କରିଥିଲା।



# ଜୀବନଚର୍ଯ୍ୟା





## ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଅ। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଅ। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

### ପରଦା ଖବର

## ହସ୍ପିଟାଲରେ ଭର୍ତ୍ତି ହେଲେ ଅଭିନେତ୍ରୀ ଶେହ୍ନାଜ ଗିଲ

ଲୋକପ୍ରିୟ ସେଲିବ୍ରିଟି ଶେହନାଜ ଗିଲ ବର୍ତ୍ତମାନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ କୌଣସି ଖବର ମିଳିନାହିଁ । ଯାହାର ସୂଚନା ପ୍ରଥମେ ତାଙ୍କ ଭାଇ ଶାହବାଜ ଦେଇଥିଲେ । ଭିଡିଓ କଲର କିଛି ଫଟୋ ମଧ୍ୟ ସେୟାର କରିଥିଲେ । ଯେଉଁଥିରେ ଶେହନାଜଙ୍କୁ ହସ୍ପିଟାଲ ବେଡରେ ଶୋଇଥିବା ଦେଖିବାକୁ ମିଳିଛି । ଏହାରି ମଧ୍ୟରେ ଶାହନାଜଙ୍କୁ ତାଙ୍କ ସାଙ୍ଗ କରଣବୀର ଭେଟିବାକୁ ଆସିଛନ୍ତି । ଯାହାକୁ ସେ ତାଙ୍କ ସୋସିଆଲ ମିଡିଆ ପେଜରେ ସେୟାର କରିଛନ୍ତି ।ଫଟୋ ଭାଇରଲ ହେବା





ପରେ ସମସ୍ତେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।ଏହା ସହିତ କରଣବୀର ମଧ ଭିଡିଓରେ କିଛି କହୁଥିବାର ଦେଖିବାକୁ ମିଳୁଛି। ଯେଉଁଥିରେ ସେ କହିଛନ୍ତି ଯେ, '' ସମସ୍ତେ ହୃଦୟର ସହିତ ପ୍ରାର୍ଥନା କରନ୍ତୁ ଯାହା ଫଳରେ ସେ ଝିଅଟି ଖୁବଶୀଘ୍ର ଭଲ ହୋଇ ଫେରି ଆସିବ । '' ଏମିତି କଥା ଶୁଣିବା ପରେ ଶେହନାଜ ବେଡରେ ଶୋଇ ଲାଜରେ ମୁହଁ ଲୁଚଇ ଦେଉଥିବା ସହ ହାତରେ ଏକ ବ୍ୟାଣ୍ଡେଜ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି । ଶେହନାଜ କହିଛନ୍ତି ଯେ, କରଣବୀର ହସାଇ ଦେଉଛନ୍ତି ।ଯଦି ତାଙ୍କ କାମ ବିଷୟରେ କୁହାଯାଏ ତେବେ ସେ ଅନେକ ଫିଲ୍ମରେ ଅଭିନୟର ଯାଦୁ ଦେଖାଇଛନ୍ତି । ବିଗ୍ ବସ ୧୩ରୁ ତାଙ୍କୁ ଗୋଟିଏ ସ୍ୱତନ୍ତ୍ର ପରିଚୟ ମିଳିଥିଲା । ଯଦି କରଣବୀରଙ୍କ କଥା କୁହାଯାଏ ତେବେ ସେ ଖତରୋକେ ଖିଲାଡି ଏବଂ ବିଗ୍ ବସ୍ ଉଭୟରେ ଟ୍ରଫି ହାସଲ କରିବାରେ ସଫଳ ହୋଇଛନ୍ତି ।

## ମଥାରେ ଓଢଣା ଦେଲେ ଦୂରେଇ ରହିଥାଏ ନକରାତ୍ମକ ଶକ୍ତି



ଦେଲେ ନକରାତ୍ମକ ଶକ୍ତି ଆପଣଙ୍କ ଠାରୁ ଦୂରେଇ ରହିଥାଏ। ବହୁବାର ଦେଖିବାକୁ ମିଳିଥାଏ ଯେ ଅଧିକାଂଶ ସମୟରେ ନାରୀମାନେ ନିଜର ଶାଢୀ ଅଥବା ଚୁନରୀକୁ ବ୍ୟବହାର କରି ମଥାରେ ଓଢଣା ଦେଇଥାଆନ୍ତି। ବିଶେଷ କରି ଭଗବାନଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ମଥାରେ ଓଢଣୀ ଦେବା ନିତ୍ୟାନ୍ତ ଆବଶ୍ୟକ। ମଥାରେ ଓଢଣୀ ଦେବା ପରମ୍ପରା ବହୁ ପୁରାତନ କାଳରୁ ଚାଲି ଆସୁଛି।

ପୂଜାର୍ଚ୍ଚନା ସମୟରେ ମଥାରେ ଓଢଣା ଦେବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଏକାଗ୍ରତା ବୃଦ୍ଧି ପାଇଥାଏ। ପୂଜା ସଫଳ ହେବା ସହ ଶୁଭ ଫଳ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ମନ୍ଦିରକୁ ଗଲେ ସେଠାରେ ମଥାରେ ଓଢଣା ଦେଇ ଭଗବାନଙ୍କୁ ପୂଜାର୍ଚ୍ଚନା କଲେ ଆପଣ ପ୍ରଭଙ୍କୁ ଭକ୍ତିର ସହ ଆଦର, ସମ୍ମାନ ଦେଉଛନ୍ତି ବୋଲି କୁହାଯାଏ। ସେହିପରି ପରିବାରର ଗୁରୁଜନଙ୍କ ସମ୍ମୁଖରେ ଓଢଣା ଦେଲେ ତାଙ୍କୁ ସଠିକ ସମ୍ମାନ ଦେଉଛନ୍ତି ବୋଲି ମାନ୍ୟତା ରହିଛି। ମଥାରେ ଓଢଣା

## ଥଣ୍ଡାରୁ ରକ୍ଷା ପାଇବାର ଉପାୟ

ଘରେ ହେଉ କିମ୍ବା ବାହାରେ, କେହି ଛିଙ୍କିଲେ ପାଖଆଖରେ ଥିବା ଲୋକେ ଭୟଭୀତ ହୋଇଯାଉଛନ୍ତି। ସାମାନ୍ୟ ଥଣ୍ଡା, ସର୍ଦ୍ଦିରୁ ମଧ ରକ୍ଷା ପାଇବାର ସରଳ ଉପାୟ ହେଉଛି ନିଜ ଖାଦ୍ୟପାନୀୟକୁ ନେଇ ସତର୍କ ରୁହନ୍ତୁ।

■ କୋହଲା ପାଗ କିମ୍ବା ବର୍ଷା ହେଲେ, ଥଣ୍ଡା ହେବା ସ୍ୱାଭାବିକ। ନିଜ ଖାଦ୍ୟରେ କେତୋଟି ଦ୍ରବ୍ୟ ସାମିଲ କରିଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବ। ସନ୍ଧ୍ୟା ସମୟରେ ସୁପ୍ ପିଇବାର ଅଭ୍ୟାସ କରନ୍ତୁ। ଅଦା, ରସୁଣ ଛେଚ଼ି ମିଶାଇ ପରିବା ସୁପ୍ ନଚେତ୍ ଚିକେନ୍ ସୁପ୍ ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ। ପ୍ୟାକେଟ୍ ସୁପ୍‌ରେ ବିଭିନ୍ନ



ପ୍ରକାର ରାସାୟନିକ ତତ୍ତ୍ୱ ମିଶୁଥିବାରୁ ସେସବୁ ପିଇବା ଶରୀର ପାଇଁ ହିତକର ନୁହେଁ ବୋଲି ବିଶେଷଜ୍ଞଙ୍କ ମତ।

■ ସକାଳବେଳା ଲେମ୍ବୁ ପାଣି କିମ୍ବା କମଳା ରସ ପିଇବାର ଅଭ୍ୟାସ କରିବା ଉଚିତ। ଭିଟାମିନ୍ ସି'ଯୁକ୍ତ ଏଭଳି ପାନୀୟ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଥଣ୍ଡା,ସର୍ଦ୍ଦିରୁ ରକ୍ଷା ମିଳେ।

■ ବଜାରରେ ଓ ଅନ୍-ଲାଇନରେ ଏକପ୍ରକାର କେମୋମାଇଲ ଟି' ମିଳୁଛି। ପୋଷକତତ୍ତ୍ୱ ଭରପୂର ଏହି ଚା' ପିଇଲେ କାଶ, ଛିଙ୍କ ହେଉନଥିବାର ଅନୁଧ୍ୟାନରୁ ପ୍ରକାଶ।

■ ସକାଳ ଜଳଖିଆରେ ଗୋଟିଏ ପାଚିଲା କଦଳୀ ଖାଇବାର ଅଭ୍ୟାସ କରିବା ଉଚିତ। ପୋଟାସିୟମ୍ ଭରପୂର କଦଳୀ ଖାଇଲେ ଆମ ପାଚନ ଶକ୍ତି ଭଲ ହେବା ସହ ଶରୀରକୁ ଭିଟାମିନ୍ ସି' ମଧ୍ୟ ମିଳେ।

## ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ

ପ୍ରାକୃତିକ ବୈଭବ ଓ ଐତିହରେ ଭରପୁର ବୌଦ୍ଧ ଜିଲ୍ଲା । ଜିଲ୍ଲାରେ ରହିଛି ଅନେକ କିମ୍ବଦନ୍ତୀ ଓ ପୁରାଣ କଥା ବହନ କରୁଥିବା ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ ।ସେଥି ମଧରୁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା କଞ୍ଚାମାଳ ବ୍ଲକ୍ ଉମା ପଞ୍ଚାୟତ ଅନ୍ତର୍ଗତ ରେଘମୁଣ୍ଡା ସ୍ଥିତ ଦେଢ଼ସୁର ଭାଇବୋହୂ ଭୀମ ପାହାଡ ଅନ୍ୟତମ । ପ୍ରାୟ ଦୁଇ ଶହ ଫୁଟ୍ ଉଚ୍ଚତାରେ ରହିଚି ଦୁଇଟି ପଥର । ଶ୍ରାବଣ ମାସରେ ଏଠାରେ ଥିବା ଗୁପ୍ତେଶ୍ୱର ବାବାଙ୍କ ଶୈବପୀଠ ଦର୍ଶନ କରିବା ସହ ପାହାଡ ଚଢ଼ିବାର ମଜା ନେଇଛନ୍ତି ଭକ୍ତ ଓ ପର୍ଯ୍ୟଟକ। ପାହାଡ଼ର ପାଦଦେଶ ତଳେ ପୂଜା ପାଉଛନ୍ତି ଦେବ ଦେବ ମହାଦେବ ଗୁପ୍ତେଶ୍ୱର ।ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତର ରେଘମୁଣ୍ଡା ସ୍ଥିତ ଭୀମ ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ । କିମ୍ବଦନ୍ତୀ ଅନୁସାରେ ପଞ୍ଚୁ ପାଣ୍ଡବ ଅଜ୍ଞାତବାସରେ ଥିବା ବେଳେ ଗୁପ୍ତରେ ଏଠାରେ ଶିବ ଉପାସନା କରୁଥିଲେ । ସେଇଥିପାଇଁ ବାବାଙ୍କ ନାମ ଗୁପ୍ତେଶ୍ୱର । ଏହି ସ୍ଥାନରେ ପଞ୍ଚୁ ପାଣ୍ଡବ ରହୁଥିବାର ଅନେକ ଛାପ ଏବେ ମଧ ରହିଛି । ବର୍ଷର ବିଭିନ୍ନ ସମୟରେ



ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ସମାଗାମ ହୋଇଥାଏ । ପ୍ରଭୁଙ୍କ ସବୁଠାରୁ ବଡ଼ ଉତ୍ସବ ମହାଶିବରାତ୍ରୀ । ଶ୍ରାବଣ ମାସର ପ୍ରତି ସୋମବାରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଦୂର ଦୂରଦୂରାନ୍ତରରୁ ମାନସିକ ପୂରଣ ପାଇଁ ଆସନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ମହାଦେବଙ୍କୁ ପୂଜା କଲେ ପୁଣ୍ୟଫଳ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ୪୧ ନମ୍ବର ରାଜ୍ୟ ସଡ଼କ ପଥରେ କଣ୍ଟାମାଳ- ବାଲିଗୁଡା ରାସ୍ତାର ଆମ୍ବଗାଁ ଛକରୁ ଆଠ କିଲୋମିଟର ପୂର୍ବ ଦିଗକୁ ଗଲେ ପଡେ ଗୁପ୍ତେଶ୍ୱର ପୀଠ । ଦେଢଶୁର ଭାଇବୋହୂ ପାହାଡ଼ ତଳେ ରହିଛି ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର ।ବର୍ଷର ବିଭିଓ ସମୟରେ ଭକ୍ତଙ୍କ ସମାଗାମ ହୋଇଥାଏ । ଅନ୍ୟ ସମୟ ଅପେକ୍ଷା ଶ୍ରାବଣ ମାସରେ ଏହି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହରର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଗୋଟିଏ ପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ, ପାହାଡ଼ ଚଢିବାର ମଜା ନେବା ସହିତ ବାବା ଗୁପ୍ତେଶ୍ୱରଙ୍କ ନିକଟର ଜଳଲାଗି ସହ ଦର୍ଶନ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ଦୁଇ ଶହ ଫୁଟ୍ ଉଚ୍ଚତାରେ ଥିବା ପାହାଡ ଉପରକୁ ଯିବା ପାଇଁ ବିପଦ ସଙ୍କୁଳ ଅବସ୍ଥାରେ ଯିବାକୁ ପଡ଼ିଥାଏ । ହେଲେ ଏଠାରେ ମହାଦେବଙ୍କ କୃପାରୁ କେବେ ବି କୌଣସି ଅଘଟଣ ଘଟି ନ ଥାଏ । ପ୍ରାକୃତିକ ଶୋଭାଜିତ ବିମଣ୍ଡିତ ଏହି ସ୍ଥାନକୁ ଯିଏ ବି ଯିବ ମହାଦେବଙ୍କ ଦର୍ଶନ କରିବା ସହ ଏହାର ସୋନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ।

## ମୂଳା ଖାଇବାର ଫାଇଦା



ମୂଳା ଖାଇବାକୁ ଭଲ ଲାଗେ ବୋଲି ଅଧିକ ଲୋକ ଖାଆନ୍ତି। କିନ୍ତୁ ଏହାର ଅନେକ ସ୍ୱାସ୍ଥ୍ୟଗତ ଗୁଣ ରହିଛି। ମୂଳା ଖାଇବା ଦ୍ୱାରା ଅନେକ ରୋଗ ମଧ ଦୂର ହୋଇଥାଏ। ଥଣ୍ଡା ଦିନରେ ପ୍ରତିଦିନ ମୂଳା ଖାଇଲେ କଣ କଣ ଲାଭ ମିଳିଥାଏ ଜାଣନ୍ତୁ।

ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ : ମୂଳାରେ ବହୁ ମାତ୍ରାରେ ଭିଟାମିନ-ସି ରହିଛି। ଯାହାଫଳରେ ଶୀତ ଦିନରେ ଥଣ୍ଡା କାଶରୁ ରକ୍ଷା ମିଳିଥାଏ। ମୂଳା ଶରୀରରେ ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ଶରୀରରେ ଜ୍ୱଳନ ମଧ୍ୟ କମ କରିଥାଏ।

ରକ୍ତଚାପ ନିୟନ୍ତ୍ରଣ କରିଥାଏ : ମୂଳା ଶରୀରକୁ ପୋଟାସିୟମ ଯୋଗାଇଥାଏ ଯେଉଁଥିପାଇଁ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ। ଯଦି ହାଇପାରଟେନସନ ସମସ୍ୟା ଥାଏ ତାହେଲେ ମୂଳା ନିଶ୍ଚୟ ଖାଇବା ଉଚିତ। ଆୟୁର୍ବେଦ ଅନୁସାରେ ମୂଳା ରକ୍ତ ଉପରେ ଶୀତଳ ପ୍ରଭାବ ପକାଇଥାଏ।

ହୃଦୟ ରୋଗରୁ ରକ୍ଷା କରିଥାଏ: ମୂଳା ଏଂଥୋସାୟନିନର ଏକ ସ୍ରୋତ ଯାହା ଦ୍ୱାରା ହୃଦୟ ଭଲ ଭାବେ କାମ କରିଥାଏ। ପ୍ରତିଦିନ ମୂଳା ଖାଇଲେ ହୃଦୟ ରୋଗ ବିପଦ କମ ହୋଇଥାଏ। ମୂଳାରେ ଫୋଲିକ ଏସିଡ ଓ ଫ୍ଲେବୋନାୟଡ୍ସ ରହିଛି। ଯାହା ଅକ୍ସିଜେନ ମାତ୍ରା ବଢ଼ିଥାଏ ଓ ହୃଦୟ ରୋଗରୁ ରକ୍ଷା କରିଥାଏ।

ଫାଇବର ସ୍ରୋତ : ମୂଳାରେ ବହୁ ମାତ୍ରାରେ ଫାଇବର ରହିଛି। ମୂଳା ଖାଇବା ଦ୍ୱାରା ଶରୀରରେ ଫାଇବର ମାତ୍ରା କମିନଥାଏ। ଫାଇବର ମାତ୍ରା ଯୋଗୁଁ ପାଚନ ତନ୍ତ୍ର ଭଲ ଭାବେ କାମ କରିଥାଏ। ମୂଳା ଲିଭର ଓ ଗଲ ବ୍ଲାଡରକୁ ମଧ ସୁରକ୍ଷିତ ରଖିଥାଏ।

ରକ୍ତ ବାହକକୁ ମଜବୁତ କରିଥାଏ : ମୂଳାରେ କୋଲୋଜେନ ରହିଛି ଯାହା ମଣିଷ ଶରୀରରେ ରକ୍ତ ବାହକକୁ ମଜବୁତ କରିଥାଏ। ଯାହାଫଳରେ ଆଥେରୋସ୍କ୍ଲେରୋସିସ୍ ଭଳି ଗମ୍ଭୀର ରୋଗ ହେବାର ସମ୍ଭାବନା କମିଯାଇଥାଏ।

ମେଟାବୋଲିଜିମ୍ ବଢ଼ିଥାଏ : ମୂଳା ପାଚନ ତନ୍ତ୍ର ପାଇଁ ବହୁତ ଲାଭଦାୟକ। ତାଛଡା ଏସିଡ଼ିଟି, ମୋଟାପଣ, ଗ୍ୟାସ ସମୟ ଓ ବାନ୍ତି ଭଳି ସମସ୍ୟା ମଧ ଠିକ କରିବାରେ ସାହାଯ୍ୟ କରିଥାଏ।

ତ୍ୱଚା ପାଇଁ ଲାଭଦାୟକ : ସୁନ୍ଦର ଓ ମସୃଣ ତ୍ୱଚା ପାଇଁ ପ୍ରତିଦିନ ମୂଳା ଜୁସ ପିଇବା ଉଚିତ। ମୂଳାରେ ଭିଟାମିନ-ସି ଓ ଫସଫରସ ଥିବାରୁ ଏହା ତ୍ୱଚାର ରୁଖାପଣ ଦୂର କରିଥାଏ। କେଶରେ ଲଗାଇଲେ ଉପି ସମସ୍ୟା ମଧ ଦୂର ହୋଇଥାଏ ଓ କେଶ ମଜଭୁତ ହୋଇଥାଏ।

ପୋଷାକ ତତ୍ୱରେ ଭରପୁର: ନାଳି ମୂଳାରେ ଭରପୁର ମାତ୍ରାରେ ଭିଟାମିନ-ଏ, ଇ, ସି, କେ ଓ ୬, ରହିଛି। ଏଥିରେ ବହୁ ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ, ଫାଇବର, ଜିଙ୍କ, ପୋଟାସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଆଇରନ୍ ଏବଂ ମାଙ୍ଗାନିଜ୍ ରହିଛି। ଏହିସବୁ ପୋଷାକ ତତ୍ୱ ଯୋଗୁଁ ଏହା ଶରୀରକୁ ସୁସ୍ଥ ରଖିଥାଏ।

ମହାଭାରତ
ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ
ଗୁରୁବାର, ୭ ଅଗଷ୍ଟ, ୨୦୨୫


# ଟ୍ରମ୍ପଙ୍କ ରାଗ

ଇରାନର ୩ ପରମାଣୁ କେନ୍ଦ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଆମେରିକା ଦାବି କରିଛି । ଇରାନ ଉପରେ ଏଭଳି ଆକ୍ରମଣ ନିମନ୍ତେ ଆମେରିକା ବହୁ ଦିନରୁ ଯୋଜନା କରିଥିଲା ଏବଂ ପ୍ରସ୍ତୁତି ଚଳାଇଥିଲା । ଇରାନ ଉପରେ ଆକ୍ରମଣ ପାଇଁ ଇସ୍ରାଏଲକୁ ଆମେରିକା ହିଁ ପ୍ରୋତ୍ସାହିତ କରିଥିଲା । ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବାରେ ମୁଖ୍ୟ ଭୂମିକା ନେଇଥିବା ଦାବି କରି ବାହା ବା ନେଉଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ଉପରେ ଯୁଦ୍ଧ ବନ୍ଦ ପାଇଁ ଚାପ ପକାଇପାରିଲେନି ? ଇରାନ ଉପରେ ଆକ୍ରମଣକୁ ଟ୍ରମ୍ପ ଯଥାର୍ଥ ବୋଲି କହିଛନ୍ତି । ଟ୍ରମ୍ପଙ୍କ କହିବାନୁଯାୟୀ ଇରାନ ଏକ ଆତଙ୍କବାଦୀ ରାଷ୍ଟ୍ର । ଏହା ପରାମାଣୁ ଶକ୍ତି ସମ୍ପନ୍ନ ହେବା ସମଗ୍ର ବିଶ୍ୱ ବା ମାନବଜାତି ପାଇଁ ବିପଦ । ଏହା ସତ କଥା । କିନ୍ତୁ ଇରାନ ଯଦି ଆତଙ୍କବାଦୀ ରାଷ୍ଟ୍ର, ତେବେ ପାକିସ୍ତାନ କ"ଣ ? ଇରାନ ଅପେକ୍ଷା ପାକିସ୍ତାନ ନିକଟରେ ଅଧିକ ପରମାଣୁ ଅସ୍ତ୍ର ରହିଛି । ଗୋଟିଏ ପଟେ ଟ୍ରମ୍ପ ପାକିସ୍ତାନକୁ ସାହାଯ୍ୟ, ସମର୍ଥନ କରୁଛନ୍ତି ଏବଂ ଏହାକୁ ସୁରକ୍ଷା ପ୍ରଦାନ କରୁଛନ୍ତି । ଅନ୍ୟ ପଟେ ଇରାନ ଉପରେ ଆକ୍ରମଣ କରୁଛନ୍ତି । ଏହା ଟ୍ରମ୍ପଙ୍କ ଦୋମୁହାଁ ନୀତିର ପରିଚାୟକ । ଇରାନ ତୁଳନାରେ ପାକିସ୍ତାନ ଅଧିକ ମାରାତ୍ମକ ଦେଶ । ପାକିସ୍ତାନ ହେଉଛି ବିଶ୍ୱ ଆତଙ୍କବାଦର ଏନ୍ତୁଡ଼ିଶାଳ । ପହଲଗାମ ଆତଙ୍କୀ ହମଲା ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଉପରେ ଆକ୍ରମଣ କରି ସେଠାରେ ଥିବା ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଥିଲା । ଭାରତୀୟ ସେନାର ଆକ୍ରମଣରେ ଭୟଭୀତ ପାକିସ୍ତାନ ଆମେରିକାର ଶରଣ ପଶିଥିଲା । ଆମେରକା ଚାପରେ ଭାରତ ଓ ପାକିସ୍ତାନ ଯୁଦ୍ଧ ବିରତି ଲାଗି ସହମତ ହେଲେ । ଏହା ସ୍ୱାଗତଯୋଗ୍ୟ । କିନ୍ତୁ ଆମେରିକାର ଏହି ନୀତି ସମସ୍ତଙ୍କ ପାଇଁ ଲାଗୁ ହେବା ଉଚିତ । ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଆମେରିକା ନିଜେ କାହିଁକି ପରମାଣୁ ଅସ୍ତ୍ର ଗଚ୍ଛିତ ରଖିଛି ? ବିଶ୍ୱରେ ପ୍ରଥମେ କିଏ ପରମାଣୁ ଅସ୍ତ୍ର ବ୍ୟବହାର କରିଥିଲା । ଏବେ ବିଶ୍ୱର ଅନେକ ଦେଶରେ ପରମାଣୁ ଅସ୍ତ୍ର ରହିଛି । ଉତ୍ତର କୋରିଆ ନିକଟରେ ମଧ୍ୟ ଏହା ରହିଛି । ଆମେରିକାର ଯଦି ସତସାହସ ଅଛି ତେବେ ଉତ୍ତର କୋରିଆ ଉପରେ ଆକ୍ରମଣ କରି ଏହାର ପରମାଣୁ ଅସ୍ତ୍ରକୁ ନଷ୍ଟ କରିବା ଉଚିତ । ସେଠାରେ କିମ ଜଙ୍ଗ ଉନ ଦୀର୍ଘ ବର୍ଷ ହେବ ଏକଛତ୍ରବାଦୀ ଶାସନ ଚଳାଇଆସୁଛନ୍ତି । ତାଙ୍କୁ ଆମେରିକା ଗାଦିଚ୍ୟୁତ କରିବାକୁ ପ୍ରୟାସ କରିବା ଉଚିତ । ଏହା ଦ୍ୱାରା ଉତ୍ତର କୋରିଆର ଅନେକ ନିରୀହ ବ୍ୟକ୍ତି ଅତ୍ୟାଚାରରୁ ରକ୍ଷା ପାଇପାରନ୍ତେ । ଇରାନ ଉପରେ ଆମେରିକାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହୋଇଛି । ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ସଙ୍କଳ୍ପ ନେଇଛି । ମଧ୍ୟପ୍ରାଚ୍ୟରେ ଥିବା ପ୍ରତ୍ୟେକ ଆମେରିକୀୟଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି । ଏଥିପାଇଁ କେବଳ ଟ୍ରମ୍ପ ଦାୟୀ । ଆମେରିକାର ଆକ୍ରମଣ ପରେ ଇରାନ ହରମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ଏହି ରୁଟ ଦେଇ ବିଶ୍ୱର ଏକ ତୃତୀୟାଂଶ ତୈଳ ପରିହନ ହୋଇଥାଏ । ହରମୁଜ ପ୍ରଣାଳୀ ବନ୍ଦ ହେଲେ ବିଶ୍ୱବଜାରରେ ତୈଳ ଦର ବୃଦ୍ଧି ପାଇବ ଏବଂ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ । ତୈଳ ଦର ବୃଦ୍ଧି ପାଇଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଅଭିବୃଦ୍ଧି ହାର କମିବ ।

# ମାତା ଧରିତ୍ରୀ ଓ ପୃଥିବୀର ପରିବେଶ

**।। ଡକ୍ଟର ରାଜକିଶୋର ମିଶ୍ର ।।**

*ଆଜି ବିଭିନ୍ନ ଗଣମାଧ୍ୟମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ ।*

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସୃଷ୍ଟି । ଏବଂ ଏହି ସୁନ୍ଦର ସୃଷ୍ଟିର ପରିବେଶକୁ ଗଢ଼ିଛନ୍ତି ଭଗବାନ । ପ୍ରକୃତି ବିନା ପରିବେଶ ଏବଂ ପରିବେଶ ବ୍ୟତୀତ ଭଗବାନଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ସେହି ତଥାକଥିତ 'ଅମୃତସ୍ୟ ପୁତ୍ର'ଗଣ ହେଉଛନ୍ତି ଏହି ଧରିତ୍ରୀ ମାତା ଉପରେ ଆତଯାତ ହେଉଥିବା ଆମ୍ଭେ ସମସ୍ତେ । ଆଜି ହେଉଛି ବିଶ୍ୱ ଧରିତ୍ରୀ ଦିବସ । ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ହେଲା, ଆମେ ବସବାସ କରୁଥିବା ପୃଥିବୀର ପରିବେଶକୁ କିଭଳି ସନ୍ତୁଳିତ ରଖିବା ଏବଂ ସମଗ୍ର ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ ହେବା । ୧୯୭୦ ମସିହା ଫେବୃୟାରୀ ମାସରେ ଧରିତ୍ରୀ ଦିବସର ପାଳନ ନିମିତ୍ତ ଏହାର ଚୂଡ଼ାନ୍ତ ରୂପରେଖ ଜାତିସଂଘକୁ ପଠାଯାଇଥିଲା । ଜାତିସଂଘ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିଲେ । ଏଣୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ସମ୍ପ୍ରତି ଧରିତ୍ରୀ ଓ ବିଶ୍ୱ ପରିବେଶ ଘୋର ସଂକଟରେ ସମ୍ମୁଖୀନ ହେଉଛି । ଏହାର କାରଣ ହେଉଛି ଆଜି ସବୁ ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପଥରେ ଧାବମାନ ହେଉଛି । ସବୁଠି ଭୁଲବୁଝାମଣାର ଶିକାର ପାଲଟୁଛନ୍ତି ସମସ୍ତେ । ସମସ୍ତେ କହୁଛନ୍ତି ଆମ୍ଭେମାନେ ଶାନ୍ତି ଚାହୁଁ କିନ୍ତୁ ଶାନ୍ତି କେଉଁଠି ମିଳିବ ? ଧରିତ୍ରୀ ମାତା ଏବଂ ପରିବେଶ ହେଉଛି ସ୍ୱୟଂ ଜଗତ୍‌ସ୍ରଷ୍ଟା ।

ପରିବେଶ ପ୍ରସଙ୍ଗରେ ସାମ୍ପ୍ରତିକ କ୍ଷେତ୍ରରେ ବୁଦ୍ଧିଜିବୀଙ୍କ ଠାରୁ ପରିବେଶବିତ୍, ଲୋକପ୍ରତିନିଧିଙ୍କ ଠାରୁ ଗଣମାଧ୍ୟମ, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ନାରୀ ମହଲ ସବୁଠି ଉଦ୍‌ବେଗ ପ୍ରକାଶ ପାଉଛି ବିଭିନ୍ନ ପ୍ରସଙ୍ଗରେ । କଥା ଉଠୁଛି, ପରିବେଶକୁ ଭଲପାଇ ଧରିତ୍ରୀ ମାତାର ଛାତି ଉପରେ ଆତଯାତ ହେଉଥିବା କେହି ଅମୃତର ସନ୍ତାନମାନେ ଆଉ କେବେ ତା ଭିତରର ଆକୁଳ ବେଦନାଭରା ପ୍ରାର୍ଥନା ଶୁଣିବାକୁ ସମର୍ଥ ହୋଇପାରିବେ ? ମାଆ କେବେ ତାର ସନ୍ତାନ ମାନଙ୍କୁ ଅଭିଶାପ ଦେଇନଥାଏ । ସେହିପରି ଧରିତ୍ରୀ ମାତା ଯୁଗେ ଯୁଗେ ତାର ସନ୍ତାନ ସଦୃଶ ଆମ୍ଭମାନଙ୍କୁ ସବୁବେଳେ ତାର କ୍ଷମାର ମୂର୍ତ୍ତିମନ୍ତ ସ୍ୱରୂପକୁ ପ୍ରକଟିତ କରି ସଦାସର୍ବଦା କ୍ଷମାମୟୀ ଗରିୟସୀ ମାଆ ଭାବରେ ପୂଜିତ । ପରିବେଶର ଭୟାବହ ପ୍ରଦୂଷଣ ପାଇଁ ଆଜି ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ବି ବାସ୍ତବରେ ଆମ୍ଭମାନଙ୍କ ଆଖିରେ କ'ଣ ସତରେ ଲୁହ ରହିଛି ? ନାଁ କୁମ୍ଭୀର କାନ୍ଦଣା ପରି ଆମ୍ଭେମାନେ ଦୁଇଆଖିରୁ ଲୁହ ଗଡ଼ାଇ ଚାଲିଛେ । ତେଣୁ ବର୍ତ୍ତମାନ ବି ସମୟ ରହିଛି ଆସନ୍ତୁ ଧରିତ୍ରୀମାତାକୁ ଭଲ ପାଇବା ଆମ ଆଖପାଖର ପରିବେଶକୁ ଭଲପାଇ ସେମାନଙ୍କ ଆନନ୍ଦ ଓ ପବିତ୍ର ପରିବେଶ ଭିତରେ ନିଜକୁ ହଜାଇ ଦେବା । ଅନେକ ହୁଏତ ଜାଣିନଥିବେ ଆମ୍ଭମାନଙ୍କର ତଥାକଥିତ ପ୍ରଚାର ପ୍ରସାର ଠାରୁ ଦୂରେଇ ଅନେକ ଆଧ୍ୟାତ୍ମିକ ଓ ଶିକ୍ଷା ଅନୁଷ୍ଠାନର ପରିସର ରହିଛି ଯାହାର ଚତୁଃପାର୍ଶ୍ୱରେ ଗଢ଼ିଉଠିଛି ବିଶାଳକାୟ ସବୁଜବନାନୀ ପରିବେଶ । ସେହି ସ୍ଥାନ ମାନଙ୍କରେ ଫୁଟିଛି ଶୋଭନୀୟ ଧରିତ୍ରୀର ସବୁଜିମା । ଆଉ ପିଲାମାନଙ୍କୁ ସଦାସର୍ବଦା ଶିକ୍ଷା ଦିଆଯାଏ ଧରିତ୍ରୀ ମାତା ହେଉଛି ଆମର ବିଶ୍ୱମାତା ଏବଂ ସର୍ବୋପରି ଫୁଲକୁ ଭଲପାଇ ପ୍ରସ୍ଫୁଟିତ ଫୁଲର ମହକକୁ ତା ମାଆର ପଣତରୁ ନଛଡ଼ାଇବା ପରି ଶୋଭନୀୟ ଶିକ୍ଷାକେନ୍ଦ୍ରରେ କେଉଁଠି ଫୁଲକୁ ଛିଣ୍ଡାଯାଏ ନାହିଁ ।

ଆଜି ବିଭିନ୍ନ ଗଣମାଧ୍ୟମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ । ବଡ଼ଖୁସିର କଥା ଆମ ରାଜ୍ୟର ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପରିବେଶକୁ ଓ ଧରିତ୍ରୀମାତାକୁ ଭଲପାଇ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସହିତ ବୃକ୍ଷରୋପଣ କରି ପିଲାମାନଙ୍କୁ ସବୁଜବନାନୀ ପରିବେଶକୁ ଭଲପାଇବା ପାଇଁ ପରାମର୍ଶ ଦେଉଛନ୍ତି କେବଳ ସେତିକି ନୁହେଁ ଭୁବନେଶ୍ୱରରେ ସେ ଭଲପାଉଥିବା ଦୁଇଟି ପୁଷ୍ପ ଉଦ୍ୟାନକୁ ତାଙ୍କର ସୁଦୂର ବନ୍ଧୁମାନଙ୍କୁ ଦେଖାଇବାକୁ ଭୁଲିନଥାନ୍ତି । ବିଜୁବାବୁ ବି ଜଣେ ପରିବେଶକୁ ଭଲ ପାଉଥିବା ବିଶାଳ ବ୍ୟକ୍ତିତ୍ୱ ଥିଲେ । ରାଜ୍ୟର ପ୍ରଗତି ସହ ଧରିତ୍ରୀ ମାତା ଓ ପରିବେଶର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଆଜି ରାଜ୍ୟରେ ଦ୍ରୁତ ଶିଳ୍ପାୟନର ବିକାଶ ପାଇଁ ଯୋଜନା ଚାଲିଥିବାବେଳେ ସମସ୍ତେ ପରିବେଶ ପ୍ରଦୂଷଣ ପାଇଁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣକୁ ରୋକିବା ସହ ଧରିତ୍ରୀ ମାତା ପାଇଁ ନିଜ ଭଲପାଇବାକୁ ନିଜ ଭାବନା ସହିତ ଏକ କରି ଚାଲିଲେ ଧରିତ୍ରୀ ମାତା ହସିଉଠିବ । ଏକ ସୁନ୍ଦର ଶୋଭନୀୟ ପରିବେଶ ଆମ ସମସ୍ତଙ୍କ ଚତୁଃପାର୍ଶ୍ୱରେ ଆମ ଜୀବନର ପ୍ରଗତି ପାଇଁ ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇବ । ଆଜି ସମଗ୍ର ବିଶ୍ୱରେ ଉତ୍ତପ୍ତ ବସୁଧା ଓ ପାଣିପାଗ ତଥା ପରିବେଶ ଯେଉଁପରି ଭୟଙ୍କର ଭାବେ ବିଷାକ୍ତ ତଥା ପ୍ରଦୂଷଣର ଗୁରୁଗମ୍ଭୀର ଆହ୍ୱାନକୁ ସାମ୍ନା କରୁଛି ତାହା ଆମ ସମସ୍ତଙ୍କୁ ଭଲ ଭାବେ ଜଣା । ଧରିତ୍ରୀକୁ ଭଲ ପାଇବା ଅର୍ଥ ଆମ ସବୁଜିମା ସହିତ ପ୍ରକୃତିକୁ ଭଲ ପାଇବା ।

ବାସ୍ତବରେ ପ୍ରକୃତି ହେଉଛି ଆମର ମାତା । ଆମ୍ଭମାନଙ୍କ ଭିତରେ ସବୁଜ ପରିବେଶକୁ ଭଲ ପାଇବା ସହ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ସହିତ ପରିବେଶକୁ କିପରି ପ୍ରଦୂଷଣରୁ ମୁକ୍ତ ରଖିବା ଏହି ଆହ୍ୱାନ ଆମ ସମସ୍ତଙ୍କ ଭିତରେ ଜାଗରିତ ହେବା ଉଚିତ । ଖୁସିର କଥା ଆଜିକାଲି ଅନେକ ବ୍ୟକ୍ତିବିଶେଷ ଓ ସଙ୍ଗଠନମାନେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି, ସବୁଜିମାକୁ ଭଲ ପାଉଛନ୍ତି ଏପରିକି ଅନେକ କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ଗଛକୁ ବନ୍ଧୁ ଭାବେ ଉପହାର ଦେବା ତଥା ସୁରକ୍ଷା ପାଇଁ ଶପଥ ନେବାର ଯେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ତାହା ଖୁସିର କଥା । ତେବେ ସବୁକଥାରେ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ । କାରଣ ଏସବୁ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରି ଆମ୍ଭ ମାନଙ୍କ ଜୀବନରେ କାର୍ଯ୍ୟକରେ ପରିଣତ କଲେ ଧରିତ୍ରୀ ଦିବସର ଗୁରୁତ୍ୱ ଯଥାର୍ଥରେ ପ୍ରତିପାଦିତ ହୋଇପାରିବ ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ଜୀବନ ହିଁ ରାମାୟଣ

**।। ଅନୀତା ପଟ୍ଟନାୟକ ।।**

ଖରା ଛୁଟି ହୋଇଥାଏ । ସବୁ ସାଙ୍ଗସାଥୀମାନେ ସେମାନଙ୍କର ପରିବାରବର୍ଗଙ୍କ ସହିତ ବିଭିନ୍ନ ସ୍ଥାନକୁ ବୁଲି ବାହାରି ଥାଆନ୍ତି । ବାପା କହିଲେ ଆମେ ପୂର୍ବଥର ଅଯୋଧ୍ୟା ଯାଇଥିଲେ ମଧ୍ୟ ସଂପୂର୍ଣ୍ଣ ତିଆରି ହୋଇଥିବା ମନ୍ଦିର ଓ ବିଗ୍ରହଙ୍କୁ ଦେଖି ପାରିନଥିଲେ । ମା ମୋର ମାଉସୀଙ୍କୁ ନେବାକୁ ଅନୁରୋଧ କରିବାରୁ ସେ ବହୁତ ଖୁସିହେଲେ । ମୋର ମାଉସୀ ସରକାରଙ୍କ ଏକ ଉଚ୍ଚ ପଦସ୍ଥ କର୍ମଚାରୀ ଥିଲେ । ସେ ଦ୍ୱିତୀୟ ଶ୍ରେଣୀ ରେଲଡ଼ବାରେ ଯିବାକୁ ଭଲ ପାଉଥିଲେ । ରେଲଯାତ୍ରା ଆରମ୍ଭ ହେଲା । ବିଭିନ୍ନ ଖାଦ୍ୟ ପଦାର୍ଥ ବିକାଳୀ ଟ୍ରେନ ମଧ୍ୟକୁ ଆସି ସେମାନଙ୍କର ପଦାର୍ଥ ବିକିବାକୁ ଆରମ୍ଭ କଲେ । ମତେ ବାପା ଗୋଟେ ବଡ଼ ପିଜୁଳି କିଣିଦେଲେ । ବାପା, ମାଉସୀ ଓ ମା ଚା ପିଇବାକୁ ଆରମ୍ଭ କଲେ ।

ମା କହିଲେ ଧର୍ମକୁ ପାଳନ ନକଲେ ମଧ୍ୟ ତୁମର ହୃଦୟ ତାହାକୁ ପାଳନ କରିବାକୁ କୁହେ । ତୁମକୁ ସାହାସୀ ଓ ଆନନ୍ଦମୟ ହେବାକୁ ପଡ଼ିବ । ତାହାନହେଲେ ତୁମେ ଜାଣିପାରିବ ତୁମେ ପାପ କରୁଛ । ମାଉସୀ ବାପାଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ସଚେତନତାକୁ ଚିତ୍ତ କୁହାଯାଏ । ସଚେତନତାରୁ ଚିତ୍ତ ଆସେ । ସତ୍ୟ ଚିତ୍ ସହିତ ମିଳିତ ହେଲେ ସଚ୍ଚିଦାନନ୍ଦ ଆସିଥାଏ । ସଚ୍ଚିଦାନନ୍ଦ ପରିବର୍ତ୍ତନଶୀଳ ନୁହେଁ । ବାପା କହିଲେ, ଆତ୍ମା ଶରୀରକୁ ରକ୍ଷାକରେ । ଆତ୍ମାକୁ ଶରୀର ମାଧ୍ୟମରେ ଚିହ୍ନି ହୁଏ । ଶରୀର ଏକ ମାଧ୍ୟମ । ସେଥିପାଇଁ କୁହାଯାଇଛି ଖାଦ୍ୟ ଶରୀରର ରକ୍ଷା ପାଇଁ ଉଦ୍ଦିଷ୍ଟ ଓ ବସ୍ତ୍ର ଶୀତ ନିବାରଣ ପାଇଁ ଉଦ୍ଦିଷ୍ଟ । ଖାଦ୍ୟ ଜୀବନ ପାଇଁ ଖାଇବା ଉଚିତ, ଖାଇବା ପାଇଁ ଜୀବନକୁ ବିତାଇବା ଉଚିତ ନୁହେଁ । ମାଉସୀ ବାପାଙ୍କ ସହ ତାଳଦେଇ କହିଲେ ମଣିଷ ତାର ସମସ୍ତ ଶକ୍ତି ଆଜିକାଲି ଖାଦ୍ୟ ଗଣ୍ଡାକ ପାଇଁ ବିନିଯୋଗ କରୁଛି । ଜୀବନ ପାଇଁ ନୁହେଁ । ଜଣେ ସହଯାତ୍ରୀ ଯିଏ ଆମ କଥା ଶୁଣୁଥିଲେ ସେ କହିଲେ ରାମ ଆମ ମଧ୍ୟରେ ଅଛନ୍ତି, ଆମେ ହିଁ ରାମ । ଜୀବନ (ପ୍ରାଣ) ସୁଷୁମ୍ନା ନାଡ଼ିରେ ରହିଛି । ଜୀବନ ହୃଦୟରେ ନାହିଁ ।

ମୁଁ କହିଲି ଆମ ସାର କହୁଥିଲେ ଆଖି, କାନ, ଜୀବନରୁ ଶକ୍ତି ପାଇଥାନ୍ତି । ଏଥିପାଇଁ ତାଙ୍କୁ ଅଙ୍ଗୀରସ କୁହାଯାଏ । ଶରୀରର ଅଙ୍ଗ ଗୁଡ଼ିକରେ ଶକ୍ତି ପ୍ରବାହିତ ହୁଏ । ତ୍ୟାଗରାଜ କହିଥିଲେ, ହେ ରାମ ତୁମକୁ କେଉଁଠି ପାଇବି ? ପରେ ଜାଣିଥିଲେ, ଭଗବାନ ସର୍ବତ୍ର ବିଦ୍ୟମାନ । ଯେଉଁମାନେ ବିଶ୍ୱାସ କରନ୍ତି ଭଗବାନ ଅଛନ୍ତି ସେମାନଙ୍କ ପାଇଁ ଭଗବାନ ଅଛନ୍ତି । ଯେଉଁମାନେ ବିଶ୍ୱାସ କରନ୍ତିନି ଭଗବାନ ନାହାଁନ୍ତି ତାଙ୍କ ପାଇଁ ଭଗବାନ ନାହାଁନ୍ତି । ପ୍ରହଲ୍ଲାଦ ଏ ସତ୍ୟକୁ ବୁଝିଥିଲା । ଆମେ ଯେତେବେଳେ କହୁ ସେ ନାହାଁନ୍ତି, ନାହାଁନ୍ତି ଆମେ ସବୁ କିଛି ଖରାପ କାମ କରୁ । ଆମେ ଯେତେବେଳେ କହୁ, ସେ ଅଛନ୍ତି ଅଛନ୍ତି ଆମେ ସବୁ ଭଲ କାମ କରୁ । ଆଉ ଜଣେ ସହଯାତ୍ରୀ ଯେ ଅଯୋଧ୍ୟା ଯାଉଥିଲେ ସେ ଆମ କଥା ଶୁଣି ବହୁତ ଖୁସିହେଲେ । ସେ କହିଲେ ମୁଁ ଆପଣଙ୍କର କଥୋପକଥନରେ ଭାଗ ନେଇପାରେ । ବାପା କହିଲେ ନିଶ୍ଚୟ । ଆମକୁ ଲମ୍ବାଯାତ୍ରା ଯାତ୍ରା କରିବାକୁ ଅଛି । ସେ କହିଲେ, ଧର୍ମର ପ୍ରତିଷ୍ଠା ପାଇଁ ଓ ସଂସାରଧର୍ମ ପାଳନ ପାଇଁ ରାମ ଶିବଧନୁ ଭଙ୍ଗ କରିଥିଲେ । ଶିବ ହେଉଛନ୍ତି ମଙ୍ଗଳମୟ । ସେ ମଙ୍ଗଳମୟକୁ ପ୍ରାପ୍ତ କରିବା ପାଇଁ ଯାଇଥିଲେ । ମୋ ମା କହିଲେ ଆଜ୍ଞା ହଁ । ସୀତା ପୃଥିବୀଙ୍କ ଝିଅ । ଆମେ ପୃଥିବୀ ଉପରେ ନିର୍ଭରଶୀଳ । ଆମେ ଭୂଦେବୀ ନିକଟରେ ଶରଣାଗତ । ମୁଁ କହିଲି ମା ତାଙ୍କ ବିଷୟରେ ଟିକେ ଖୋଲିକି କୁହ । ମା କହିଲେ ସେ ବିଦେହର ରାଜକନ୍ୟା । ଜନକଙ୍କର ଅନ୍ୟ ନାମ ବିଦେହ । ବିଦେହ ଅର୍ଥ ଯାହାର ଶରୀର ସହ ସଂପର୍କ ନାହିଁ । ମନ, ଏହାର ଶରୀର ନାହିଁ । ଏହା ସର୍ବତ୍ର ବୁଲୁଥାଏ । ଜ୍ଞାନ ଓ ବିଜ୍ଞାନ ମନ ଠାରୁ ବାହାରିଛି । ମନର ଝିଅ ବ୍ରହ୍ମଜ୍ଞାନ । ଏହି ସମୟରେ ଆମ ମାନଙ୍କର ଆଲୋଚନାରେ ଗୋଟେ ଭଙ୍ଗା ପଡ଼ିଲା । ଟିକେଟ କଲେକ୍ଟର ଆସି ବାପାଙ୍କୁ ଟିକେଟ ମାଗିବାରୁ ସେ ଟିକେଟଗୁଡ଼ିକ ଯାଞ୍ଚ କରି ଆମ ପାଖରୁ ଚାଲିଗଲେ । ସେ ଚାଲିଯିବା ପରେ ମୁଁ ବାପାଙ୍କୁ ପଚାରିଲି, ତୁମେ ତ କହୁଛ ରାମ ଆତ୍ମାର ପ୍ରତୀକ ଓ ସେ ବ୍ରହ୍ମଜ୍ଞାନୀ ଥିଲେ । ରାମ ଜଙ୍ଗଲକୁ ଯିବାର ତାତ୍ପର୍ଯ୍ୟ କ'ଣ ?

ପାଖରେ ବସିଥିବା ସହଯାତ୍ରୀ ଜଣକ ଏହାର ଉତ୍ତରରେ କହିଲେ ଆରେ ଝିଅ ! ସେ ଜଙ୍ଗଲରୂପକ ସଂସାରିକ ଜୀବନରେ ପ୍ରବେଶ କରିଥିଲେ । ସଂସାର ଜଙ୍ଗଲରେ ପଶିଲେ କାମ, କ୍ରୋଧ, ଲୋଭ, ମୋହ ଆସିଥାଏ । ଏହା ଆମର ଜୀବନଚର୍ଯ୍ୟାର ସମୁଦ୍ରକୁ ବଢ଼ାଇଥାଏ । ଆମେ ଏପରି ସମୁଦ୍ରରେ ପଡ଼ିଲେ ଦଶମୁଣ୍ଡ ରୂପକ ରାବଣ ଆସି ଆମର ଆଧ୍ୟାତ୍ମିକ ଜ୍ଞାନକୁ ଚୋରାଇନେଇଥାଏ । ମୁଁ ପଚାରିଲି ରାବଣ କିଏ ? ଅନ୍ୟ ସହଯାତ୍ରୀ ଜଣକ କହିଲେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସାର୍ଯ୍ୟରେ ପରିପୂର୍ଣ୍ଣ ଆମର ଖରାପ ଗୁଣ । ଏଗୁଡ଼ିକୁ ଗ୍ରହଣ କଲେ ଜ୍ଞାନ ଅପସରିଯାଏ । ମା କହିଲେ ସୀତା ଜ୍ଞାନର ପ୍ରତୀକ । ଜ୍ଞାନ ଉଭେଇ ଯିବାରୁ ରାମ ରୂପକ ଆତ୍ମା ଜ୍ଞାନର ସନ୍ଧାନରେ ବାହାରିଲେ ଓ ବାଟରେ ବାଳୀ ଓ ସୁଗ୍ରୀବ ଭେଟିଲେ । ସୁଗ୍ରୀବ ଯେ କି ଭଲ ଗୁଣ ପ୍ରତୀକ ତା ସହ ବନ୍ଧୁତା କଲେ । ବାଳୀ ଯେ କି ଖରାପ ଗୁଣର ପ୍ରତୀକ ତାକୁ ହତ୍ୟା କଲେ ।

ବାପା କହିଲେ ଆତ୍ମା ଜ୍ଞାନର ଅନ୍ୱେଷଣରେ ସମୁଦ୍ରକୁ ଲଙ୍ଘିବାକୁ ଯାଇ ବାଧାବିଘ୍ନର ସମ୍ମୁଖୀନ ହେଲେ । ଆମ ସହିତ ଯାଉଥିବା ସହଯାତ୍ରୀ ଜଣକ କହିଲେ ହଁ ପରା । ହନୁମାନ ଓ ମାଙ୍କଡ଼ ମାନେ ଯେଉଁମାନେ ସାହାସିକତାର ପ୍ରତୀକ, ରାମ ତାଙ୍କ ସହ ବନ୍ଧୁତା କଲେ ଓ ଆସକ୍ତି ରୂପକ ସମୁଦ୍ରକୁ ଲଙ୍ଘନ କଲେ ଓ ସେ ବିଭୀଷଣ (ସତ୍ୱଗୁଣ ସମ୍ପନ୍ନ) ରାବଣ (ରାଜସିକ) ଗୁଣ ସମ୍ପନ୍ନ ଓ କୁମ୍ଭକର୍ଣ୍ଣ (ତାମସିକ) ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱକୁ ଭେଟିଲେ । ମାଉସୀ କହିଲେ, ରାମ ରାଜସିକ ଓ ତାମସିକ ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ହତ୍ୟାକଲେ ଓ ସାତ୍ତ୍ୱିକ ଗୁଣସଂପନ୍ନ ବ୍ୟକ୍ତି (ବିଭୀଷଣ)ଙ୍କୁ ରାଜା ରୂପରେ ଅଭିଷିକ୍ତ କରାଇଲେ । ମା କହିଲେ, ସୀତା ମୁକ୍ତ ହୋଇ ଆଧ୍ୟାତ୍ମିକ ଜ୍ଞାନୀଙ୍କ ସହ ଯୁକ୍ତ ହେଲେ । ବାପା ଆଲୋଚନାକୁ ଶେଷ କରିବାକୁ ଯାଇ କହିଲେ, ପାଣି ସରିଗଲାଣି ବାହାରକୁ ଯାଇ ପାଣିଆଣିବାକୁ ପଡ଼ିବ । ଝିଅ ତୁ ମନେରଖ – ରାମ ସମସ୍ତଙ୍କ ହୃଦୟ ସିଂହାସନରେ ବିଦ୍ୟମାନ । ଆଧ୍ୟାତ୍ମିକ ଜ୍ଞାନ ସହ ଯେତେବେଳେ ଦୈନନ୍ଦିନ ଜୀବନ ଚର୍ଯ୍ୟାର ଜ୍ଞାନ ମିଳିତ ହୁଏ ସେତେବେଳେ ହୃଦୟ ସିଂହାସନରେ ଭଗବାନ ବିରାଜମାନ କରିଥାନ୍ତି ତେଣୁ ମଣିଷର ଜୀବନ ହିଁ ରାମାୟଣ । ରାମ ଧର୍ମର ପ୍ରତୀକ । ରାମାୟଣର ଅର୍ଥ ରାମଙ୍କ ଅୟନ (ମାର୍ଗ) । ଧର୍ମରେ ରହିଲେ କାମକୁ ପ୍ରତିହତ କରିହୁଏ ଓ ଧନ ଓ କାମନାରୁ ମୁକ୍ତି ମିଳେ ।

**ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ସିଡିଏ, କଟକ**
**ଦୂରଭାଷ : ୯୬୯୨୯୮୦୦୨୬**

# ବିଭେଦର କାରଣ ଓ ନିରାକରଣ

**।। ଅଜୟ କୁମାର ବେହେରା ।।**

ଭଦରେ ବି ଉପସର୍ଗ ଲାଗିଛି ଏହାର ଅର୍ଥ ବିଶେଷ ଭେଦ ଭେଦ କାହିଁକି ? ଗତାନୁଗତିକ ଧାରାରେ ଯେଉଁ କାର୍ଯ୍ୟ ସର୍ବଜନ ହିତ ପାଇଁ ପ୍ରୟୋଗ କରାଯିବ ସେପରି କାର୍ଯ୍ୟ କରାଯାଉଥିଲେ ଭେଦ ଆସିବା ସମ୍ଭବନା କମ । ଯେଉଁ ଧର୍ମବିଧି ଓ ରାଜବିଧି ସ୍ଥିର କରାଯାଇ ଶାସନ ଧାର୍ଯ୍ୟ ସେଥିରେ ମଜ୍ଜି ରହି ସମୟ କାଟିଲେ କେହି ଉଁ ଚୁଁ ହୋଇପାରିବେ ନାହିଁ । ବରଂ ଲୋକେ ତାଙ୍କର ପ୍ରିୟ ଜାଣି ଆକୃଷ୍ଟ ହେବାକୁ ଲାଗିବେ । ଯେଉଁଠି ବିଧି ରହିଛି ସେଠାରେ ତାକୁ ଭଙ୍ଗ କରିଥାନ୍ତି ସ୍ୱାର୍ଥନ୍ୱେଷୀ । ଏମିତିକି ଲୋକାଚାର, ଧର୍ମଚାର, ପରି ବହୁ ଆଚାର ସଂହିତାର ଭଙ୍ଗ କରି ସ୍ୱାର୍ଥ ସିଦ୍ଧିରେ ମାର୍ଗୀଲୋକ ବିଭେଦକାରୀ । ବିଭେଦ ମାନେ ଡିଭାଇଡ ଆଣ୍ଡ ରୁଲ କରିବା ମାର୍ଗ । ଏକ ଗୋଷ୍ଠୀ, ଏକ ଦଳ, ଏକ ମତରେ ତିଷ୍ଠି ରହିବା ସ୍ତରକୁ ଛଳ କୌଶଳରେ ଛିନ୍ନଛତ୍ର ପୃଥକ କରି କାର୍ଯ୍ୟ ହାସଲ କରିବା ବିଭେଦ ।

ବର୍ତ୍ତମାନ ଚାଲୁଥିବା ସବୁ ଧର୍ମ ସଂସ୍ଥାନରେ ବିଭେଦ ରହିଛି ଇସଲାମ ଧର୍ମରେ ସମସ୍ତେ ମୁସଲମାନ କହି ଏକକ ଧର୍ମୀୟ ଲୋକ କହିଲେ ବି ପ୍ରକୃତରେ ସେମାନେ ଦ୍ୱିମତରେ ଚଳୁଛନ୍ତି । ଖ୍ରୀଷ୍ଟଧର୍ମରେ ଏପରି ଦ୍ୱିମତ ରହିଛି । ବୌଦ୍ଧ ଧର୍ମରେ ଜୈନଧର୍ମରେ ଏଇ ବିଭେଦ ହିଁ ଧର୍ମକୁ ସଂକୁଚିତ କରିଛି । ଆମ ରାଜ୍ୟରେ ମହିମା ଧର୍ମ ମୁଖ୍ୟ କେନ୍ଦ୍ରରେ ଏମିତି ଦ୍ୱିମତଭାବ । ହିନ୍ଦୁ ଧର୍ମରେ ପ୍ରତି ଦେବତା ଉପାସନା ଅନୁଧ୍ୟାନ କଲେ ଏମିତି ଏକାଧିକ ମତ ଅଛି । ଚୈତନ୍ୟଙ୍କ ସହଜିଆ ବୈଷ୍ଣବ ଧର୍ମରେ ଏମିତି ବଙ୍ଗ ଉତ୍କଳ ମତ ବା ଜଗନ୍ନାଥ ଦାଶଙ୍କ ଅତିବଡ଼ୀ ସମ୍ପ୍ରଦାୟକୁ କେନ୍ଦ୍ର କରି ଚୈତନ୍ୟଙ୍କ ମତରେ ବଙ୍ଗୀୟ ବୈଷ୍ଣବମାନେ ଭିନ୍ନମତ ଭିନ୍ନ ପଥ ବାଛିଥିଲେ । ଏସବୁ କାରଣରୁ ଅନେକ ଧର୍ମପୀଠ ଅନୁଷ୍ଠାନ ମାନଙ୍କରେ ମାମଲା ଚାଲୁଛି, ଧର୍ମ ଅନୁଷ୍ଠାନ ଚାଲଉଥିବା ସମୟରେ ମତ ଫରକରୁ ରକ୍ତପାତ ପର୍ଯ୍ୟନ୍ତ ଘଟଣା ଘଟୁଛି । ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ ସନ୍ତତି ପରସ୍ପର ଭାଇ ଭଉଣୀ ଏକଥା ସମସ୍ତେ ଭୁଲି ଯାଉଛନ୍ତି । ଭାଇଚାରା ରକ୍ଷା କଲେ ସମସ୍ତେ ଶାନ୍ତି ଜୀବନ ଯାପନ କରିପାରିବେ ଏକଥା ଭୁଲି ଯାଉଛନ୍ତି । ଏକ ଦେଶ, ଏକ ଜାତିରେ ଜନ୍ମିଥିବା ବ୍ୟକ୍ତି ମାନଙ୍କ ସ୍ୱଦେଶ ଜନ୍ମଭୂମିକୁ ଯଦି ମାଆ ସମ୍ମାନ ଦେଉଛନ୍ତି ତେବେ ପାଖ ଦେଶ ଲୋକ ସେପରି ତାଙ୍କ ଜନ୍ମଭୂମିକୁ ମାଆ କହୁଥିବେ ଏହା ବୁଝିବା ଦରକାର ଯଦି ମାଆ ମାଉସୀ ଭୂମି କହି ବନ୍ଧୁତ୍ୱ ରଖି ଭାଇ ଭଉଣୀ ସମ୍ପର୍କ ରଖିଲେ ଶାନ୍ତି ରହନ୍ତା ସୁଖ ମିଳନ୍ତା । ମାତ୍ର ଖାଲି ବିଭେଦ । ମୁଷ୍ଟିମେୟ ଲୋକ ତାଙ୍କର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବୃଥା ବିଭେଦ ସୃଷ୍ଟି କରି ନାନାଦି ଝିନଝଟ ଓ ରକ୍ତପାତ କରାଉଛନ୍ତି । ଅବୁଝା ଜିଦ ଓ ଅନ୍ଧବିଚାର ଏସବୁର କାରଣ ।

ବାଘ ଓ ବକ୍ରୀ ନଦୀର ଏକ ଘାଟରେ ପାଣି ପିଅନ୍ତି । ସରକାରୀ ଆଦେଶରେ ଏଇ ସରକାରୀ ଆଦେଶ ସବୁ ଦେଶରେ ଅଛି । ପ୍ରକୃତରେ ଆଦି ସରକାର ମହାକାଶର ସର୍ବାଧାର ସୂର୍ଯ୍ୟ । ଯେ ନିତ୍ୟ ଅନ୍ଧକାର ହଠାଇ ଆଲୋକ ଦେଇ ଆସୁଛନ୍ତି ସତ୍ୟ ପ୍ରକାଶ ହିଁ ଆଲୋକ । ଭାଇଚାରାର ଆକର୍ଷଣର କେନ୍ଦ୍ରବିନ୍ଦୁକୁ ସେହି ମହାଆକାଶର ଚନ୍ଦ୍ର, ଶାନ୍ତ ଯୋସ୍ନା ରାତ୍ରୀରେ ସବୁ ଭୂମିରେ ବିଚ୍ଛୁରିତ କରି ଲୋକଙ୍କୁ ଅନ୍ଧକାରରେ ବି ଆଲୋକ ଦେଉଛନ୍ତି । ରାତ୍ରମାନେ ଲୁଚି ରହିଥିବା ବିରୋଧ ଭାବ ନେତିନେତି ଭାବ ରେ ଭାବନ୍ତର କରେ ଏଇ ଚନ୍ଦ୍ର । ଜ୍ୟୋତିଷ ଶାସ୍ତ୍ରରେ ଅଛି ରବି ଓ ଚନ୍ଦ୍ରଙ୍କର ଶତ୍ରୁ ରାହୁ । ଏହି ଗ୍ରହ ଖଣ୍ଡିଆ ଗ୍ରହ, ଗୋଠ ମାତିଲେ ଖଣ୍ଡିଆ ମାତନ୍ତି, ଖଣ୍ଡିଆ ମାନେ ବିଫଳ ହୋଇଥିବା ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ଯେଉଁମାନେ ଏକ ଚିର ଶାନ୍ତିକୁ ଭଙ୍ଗ ପାଇଁ ରାଜକାନୁନ ଓ ଭାଇଚାରାକୁ ଭାଙ୍ଗିବାକୁ ପ୍ରୟାସ କରନ୍ତି । ସାମୟିକ ରବିଙ୍କ ତେଜ ମ୍ଳାନ ହୋଇପାରେ ଚନ୍ଦ୍ରଙ୍କର ଜ୍ୟୋସ୍ନା କମି କମି ଯାଏ ପୁଣି ବଢ଼ି ବଢ଼ି ଯାଇପାରେ ଅତଏବ ରାଜକାନୁନ ଭାଇଚାରା ପରିସ୍ଥିତିକୁ ପୁନଃ ଶାନ୍ତ କରାଇ ଦେଇଥାଏ ।

ରାହୁ ଯେକୌଣସି ଶାନ୍ତ ସ୍ଥାନକୁ ଅଶାନ୍ତ କରାଇପାରେ ଏ ପାଇଁ ପ୍ରତି ବାସ୍ତୁଭୂମିରେ ଈଶାନ କୋଣରେ ରୁଦ୍ର ମହାଶୂଳ ଧରି ନୈଋତର ଅଧିକାରୀ ରାହୁ ଉପରେ ଦୃଷ୍ଟି ରଖିଛନ୍ତି । ରୁଦ୍ର ଈଶାନଙ୍କ ତପସ୍ୟା କଳରେ ଏ ରାହୁ କାଣ୍ଡ ଆରମ୍ଭ କରିପାରେ, ହେଲେ ତୃୟ ନୟନ ରୁଦ୍ରଙ୍କ ଖୋଲିଲେ ରାହୁ ନମଲେ ବି ନିଷ୍କ୍ରିୟ ହୋଇପାରେ । ଈଶାନର ମାଲିକ ଗ୍ରହ ମଧ୍ୟରେ ବୃହସ୍ପତି ଯେ ରବି ଓ ଚନ୍ଦ୍ରଙ୍କର ମିତ୍ର ଯେ ଦେବଗୁରୁ ପକ୍ଷାନ୍ତରେ ଦେବତାଙ୍କର ଉପଦେଶଦାତା ଆଇନ ଶାସ୍ତ୍ରର ସ୍ରଷ୍ଟା । ଆଇନ ଶାସ୍ତ୍ର ହିଁ ସର୍ବ ରକ୍ଷାର ମୂଳ ଉତ୍ସ ଯାହା ଦଣ୍ଡ ସଂହିତା ଦଣ୍ଡ ସଂହିତାକୁ କାୟମ କରନ୍ତି ମଙ୍ଗଳ ଓ ଶନି । ଏ ସର୍ବଦା ରାହୁର ସ୍ଥଳୀକୁ ଘେରି ରହିଛନ୍ତି । ମଙ୍ଗଳ (ଯମ) ଦକ୍ଷିଣରେ ଶନି(ବରୁଣ) ପଶ୍ଚିମରେ । ଏମିତି ସୃଷ୍ଟି ଆରମ୍ଭରୁ ଛକା ପଞ୍ଝା ସମୟ ଅତିବାହିତ ହେଉଛି । ଦିଗପାଳମାନେ ଢ଼ିଲା ମାରିଲେ ସର୍ବତ୍ର ଅଶାନ୍ତି ବ୍ୟାପେ, ଦିଗପାଳ କହିଲେ ପ୍ରତି ବିଭାଗୀୟ କର୍ମକର୍ତ୍ତାଙ୍କୁ ବୁଝାଏ । ଏମାନେ କାମକୁ ସ୍ୱ ସ୍ୱାର୍ଥରେ ନେଲେ ସମୟବୃଥା ଅପଚୟ କଲେ ସର୍ବ୍ର ଅଶାନ୍ତି ଉପୁଜିବା ନିଶ୍ଚିତ । ବିଭେଦର କାରଣର ନିରାକରଣ ଅର୍ଥ ଗତାନୁଗତିକ ଠିକ ଶାସନ ଚାଲିଲେ କେଉଁଠି କିଛି ଅଘଟଣ ଘଟି ନପାରେ । ପୃଥିବୀ ନଟୁ ପରି ଘୁରି ଚାଲିବ ଲୋକେ ଶାନ୍ତିରେ ରହିଥିବେ ।

## ନାବାଳିକାଙ୍କୁ ଦୁଷ୍କର୍ମ, ନାବାଳକ ସମେତ ୩ ଗିରଫ

କପ୍ତିପଦା, (ମହାଭାରତ): କପ୍ତିପଦା -ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ୧୦ ବର୍ଷୀୟା ନାବାଳିକା କୁ ଦୁଷ୍କର୍ମ ଅଭିଯୋଗରେ ୩ ଜଣ ଙ୍କୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଦୁଇ ଜଣଙ୍କ ବୟସ ୨୩ ଓ ୧୮ ହୋଇଥିବା ବେଳେ ଅନ୍ୟ ଜଣେ ନାବାଳକ ବୟସ ୧୩। ଦୁଇ ଦିନ ତଳେ ପିଡିତାଙ୍କ ଘରେ କେହି ନଥିବା ବେଳେ ଅଭିଯୁକ୍ତ ମାନେ ବିଭିନ୍ନ ସମୟରେ ଯାଇ ପିଡିତାଙ୍କ ଅନିଚ୍ଛା ସତ୍ତ୍ୱେ ଦୁଷ୍କର୍ମ କରି ଚାଲିଥିଲେ ଓ କାହାରିକୁ ନକହିବା ପାଇଁ ଭୟ ଦେଖାଇଥିଲେ। ତେବେ ପିଡ଼ିତାଙ୍କ ମାଆ ସନ୍ଧ୍ୟାରେ ଘରକୁ ଫେରିବା ପରେ ସମସ୍ତ ଘଟଣା ଜାଣିବାକୁ ପାଇଥିଲେ ଓ ଗତ କାଲି ଥାନା ରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୩ ଅଭିଯୁକ୍ତଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ଘଟଣାର ସତ୍ୟତା ପ୍ରକାଶ ପାଇଥିଲା। ତେବେ ପୃଥକ ସମୟରେ ଦୁଷ୍କର୍ମ କରିଥିବା ନେଇ ପୋଲିସ ୩ ଅଭିଯୁକ୍ତଙ୍କ ବିରୋଧ ରେ ୧୫୭, ୧୫୮ ଓ ୧୫୯/୨୫ ନମ୍ବର ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପିଡ଼ିତାଙ୍କୁ ଆଜି ଡାକ୍ତରୀ ମାଇନା କରିବାକୁ ପଠାଇଥିବା ବେଳେ ଅଭିଯୁକ୍ତ ମାନଙ୍କୁ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି ।

## ବିଜେପି ନେତା ପ୍ରଦୀପ ତ୍ରିପାଠୀଙ୍କ ଅକାଳ ବିୟୋଗରେ ଶୋକ



ପାରାଦୀପ, (ମହାଭାରତ) : ଭାରତୀୟ ଜନତା ପାର୍ଟିର ପୂର୍ବତନ ମଣ୍ଡଳ ସଭାପତି ତଥା ପୁରାତନ ବିଜେପି ନେତା ପ୍ରଦୀପ କୁମାର ତ୍ରିପାଠୀ (୫୫) ଙ୍କର ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି । ଦୀର୍ଘଦିନ ହେବ ସେ ମେରୁଦଣ୍ଡ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ବଡଭାଇ ଦିଲୀପ ତ୍ରିପାଠୀ, ସାନଭାଇ ତପନ ତ୍ରିପାଠୀ, ବିପିନ ତ୍ରିପାଠୀ ଓ ପରିବାର ସ୍ୱଜନ ଉପସ୍ଥିତ ଥିଲେ । ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କ ଶେଷ ଦର୍ଶନ କରି ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ତ୍ରିପାଠୀ ବିଜେପି କୁଜଙ୍ଗ ମଣ୍ଡଳ ସଭାପତି ଭାବେ ୩ ବର୍ଷ କାର୍ଯ୍ୟ କରି ତୃଣମୂଳ ସ୍ତରରେ ଦଳର ସଂଗଠନ କୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ବିୟୋଗରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ,ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରାଦୀପ ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ସର୍ବେଶ୍ୱର ଜେନା ଙ୍କ ସମେତ ବହୁ ବିଜେପି ନେତା, ବନ୍ଧୁ ଓ ବୁଦ୍ଧିଜୀବୀ ଗଭୀର ଶୋକ ବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ତେବେ ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଖୁଣ୍ଟା ଥାନାରେ ୩ ଅପମୃତ୍ୟୁ ମାମଲା

କପ୍ତିପଦା, (ମହାଭାରତ) : କପ୍ତିପଦା -ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ରେ ପୃଥକ ଭାବେ ୩ ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକ ମଧ୍ୟ ରୁ ଜଣେ ମହିଳା ଓ ଅନ୍ୟ ଦୁଇ ଜଣ ପୁରୁଷ ଅଟନ୍ତି। ପୋଲିସ ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଚୁନୁଡିହା ଗ୍ରାମର ସଂକର୍ଷଣ ନାଏକ (୪୫) ସପ୍ତାହ ତଳେ ପାଣି ବସନ୍ତ ରୋଗରେ ଆକ୍ରାନ୍ତ ହୋଇଥିଲେ। ଡାକ୍ତର ଙ୍କ ପରାମର୍ଶ କ୍ରମେ ଘରେ ରହି ଚିକିତ୍ସା ହେଉଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବା ରୁ ତାଙ୍କୁ ଡୁକୁରା ଡାକ୍ତରଖାନା ଅଣାଯାଇ ଥିଲା। ମାତ୍ର ଡାକ୍ତର ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ଗୋପବନ୍ଧୁ ନଗର ବ୍ଲକ ଭଣ୍ଡଗାଁ ଗ୍ରାମର ବିଳାସ ନାଏକ (୫୫) ନାମକ ଜଣେ ମହିଳା ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଖୁଣ୍ଟା ଡାକ୍ତରଖାନା କୁ ଅଣାଯାଇଥିଲା। ମାତ୍ର ଡଃ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଡୁକୁରା ଗ୍ରାମର ବଂଶୀଧର ବେହେରା (୭୩) ନିକଟକୁ ପଡିଆକୁ ଗୋରୁ ଚରାଇବା କୁ ଯାଇ ଚେତା ଶୂନ୍ୟ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଡୁକୁରା ଡାକ୍ତରଖାନା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏ ନେଇ ପୃଥକ ଭାବେ ୩୯, ୪୦ ଓ ୪୧ ନମ୍ବର ରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଠିକାଦାର ପ୍ରିନ୍ସିପାଲଙ୍କୁ ମାଡ଼ ମାରିବା ଘଟଣାକୁ ନେଇ ଧାରଣାରେ ବସିଲେ କର୍ମଚାରୀ

ଦାନଗଦୀ, (ମହାଭାରତ) : ଦାନଗଦୀ ବ୍ଲକ ରାମ୍ପିଲୋ ଠାରେ ଥିବା ଏକଲବ୍ୟ ଅବସି ବିଦ୍ୟାଳୟରେ ଗତକାଲି ରାତ୍ରୀ ସମୟରେ ଅଭାବନୀୟ ଘଟଣା ଘଟିଛି ଯାଇଛି। ଯାହାକୁ ନେଇ ଆଜି ବିଦ୍ୟାଳୟ ସମ୍ମୁଖରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ କାର୍ଯ୍ୟରତ କର୍ମଚାରୀ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ସୂଚନା ଯୋଗ୍ୟ ଗତ କିଛି ମାସ ହେବ ଏହି ବିଦ୍ୟାଳୟ ର ଶୌଚାଳୟ କାମ ପାଇଁ କିଛି ଅନୁଦାନ ଆସିଥିଲା, ଏହି କାମ କରିବା ପାଇଁ ଠିକାଦାରଙ୍କୁ କାର୍ଯ୍ୟକରିବାପାଇଁ ଅନୁମତି ମିଳିଥିବାବେଳେ ଦୀର୍ଘ ମାସ ଧରି ସେ ମନମୁଖୀ କାମ କରିବାରୁ କାମ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହୋଇଥିଲା, ବିଦ୍ୟାଳୟର ପ୍ରିନ୍ସପାଲ ଏନେଇ ଠିକାଦାରଙ୍କୁ କାମ ଟି ସମୟ ଅବଧି ରେ ସାରିବା ପାଇଁ କହିଥିଲେ। ଯାହା ଫଳରେ ବିଦ୍ୟାଳୟ ରେ ରହୁଥିବା ଛାତ୍ର ଛାତ୍ରୀ ମାନଙ୍କ ର ବହୁତ ଅସୁବିଧା ହୋଇଥିଲା। ତେଣୁ ବିଦ୍ୟାଳୟ ର ପ୍ରିନ୍ସପାଲ କାମ ଶୀଘ୍ର ସାରିବା ପାଇଁ ପ୍ରଶାସନ ର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହି କଥାରେ ଠିକାଦାର ଉତକ୍ଷିତ ହୋଇ ଗତକାଲି ରାତିରେ ପ୍ରିନ୍ସପାଲଙ୍କୁ ମାଡ଼ ମାରିବା ସହ ଗାଳି ଗୁଲଜ କରିଥିଲେ। ଯାହାକୁ ନେଇ ପ୍ରିନ୍ସପାଲ ଯାଜପୁର ରୋଡ଼ ଥାନରେ ଅଭିଯୋଗ କରିବା ସହ ନ୍ୟାୟ ପାଇଁ ଜିଲ୍ଲା ପାଳ ଙ୍କୁ ଲିଖିତ ଅଭିଯୋଗ କରିଥିଲେ, ଠିକାଦାର ପ୍ରିନ୍ସିପାଲଙ୍କୁ ମଦମରିବା ଘଟଣାକୁ ନେଇ ଧାରଣାକାରୀଙ୍କ ଦାବୀ ହେଉଛି ସେ ଠିକାଦାରଙ୍କୁ ଗିରଫ କରାଯାଉ। ତାଙ୍କ ଲାଇସେନ୍ସ ରଦ୍ଦ କରାଯାଉ ଏବଂ ବିଦ୍ୟାଳୟ ରେ ସମସ୍ତେ ସୁରକ୍ଷିତ ରହିବା ପାଇଁ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଉ ବୋଲି କହିଥିଲେ। ବିଦ୍ୟାଳୟର ପାଇଖାନା କାମ ଅନ୍ୟ ଜଣେ ଠିକାଦାରଙ୍କ ଦ୍ୱାରା ଶୀଘ୍ର ଶେଷ କରିବାସହ ଜିଲ୍ଲାପାଳ ବାହୁବଳୀ ଠିକାଦାରଙ୍କ ଉପରେ କଣ କାର୍ଯାନୁଷ୍ଠାନ ନେଉଛନ୍ତି ଓ ବିଦ୍ୟାଳୟ ରେ କେବେ ଶୌଚାଳୟ କାମ ସରୁଛି ତାହା ଦେଖିବାକୁ ବାକି ରହିଲା ପ୍ରଶାସନ ଏହାର ତଦନ୍ତ କରି ପ୍ରିନ୍ସିପାଲଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶିକ୍ଷକ ଶିକ୍ଷୟତ୍ରୀ ।

## ନୂଆଗାଁ ବ୍ଲକ୍‌କୁ ଫେରିଗଲା ୪ କୋଟି ୪୫ ଲକ୍ଷ ଟଙ୍କା ଫେରିଯିବା ପାଇଁ ନେତା ନା ପ୍ରଶାସନ କିଏ ଦାୟୀ ?




ନୂଆଗାଁ, (ମହାଭାରତ) : ନୂଆଗାଁ ବ୍ଲକ୍‌ର ବିକାଶ ପାଇଁ ନେତା ଓ ପ୍ରଶାସନିକ ଅଧିକାରୀ ମାନେ ପ୍ରୟାସ ଜାରି ରଖିଛନ୍ତି। ବିଭିନ୍ନ ଯୋଜନା ମାଧ୍ୟମରେ ଉନ୍ନୟନ ମୂଳକ କାମ ପାଇଁ ଆସୁଥିବା ଅନୁଦାନକୁ ଖର୍ଚ୍ଚ କରି ନୂଆଗାଁ ବ୍ଲକ୍‌ର ବିକାଶ କରାଯାଉଛି। ହେଲେ କିଛି ମାସ ହେଲା ଏହି ଉନ୍ନୟନ ମୂଳକ କାର୍ଯ୍ୟ ଠିକ୍ ଭାବେ ହେଉନଥିବା ନେତାଙ୍କ ଅଭିଯୋଗ ପରେ, ନୂଆଗାଁ ବ୍ଲକ୍‌ରେ ଉନ୍ନୟନ ମୂଳକ କାର୍ଯ୍ୟରେ ନେତା ନା ପ୍ରଶାସନ କିଏ ବାଧକ ସାଜୁଛି ତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଚାଲିଛି। ଏହି ସବୁ ମଧ୍ୟରେ ଗତ ସରକାରଙ୍କ ସମୟରେ ନୂଆଗାଁ ବ୍ଲକ୍‌ର ୨୨ଟି ପଞ୍ଚାୟତ ପାଇଁ ୩୭୬ଟି ପ୍ରକଳ୍ପ ନିମନ୍ତେ ୧୧ କୋଟି ଟଙ୍କା ଅନୁଦାନ ଆସିଥିଲା । ଏହି ଟଙ୍କା ଗୁଡ଼ିକୁ ଯଥା ସମୟ ମଧ୍ୟରେ ଖର୍ଚ୍ଚ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଉପରେ ବାରମ୍ବାର ଚାପ ପକାଯାଉଥିଲା। ପ୍ରଶାସନ-ନେତା-ଠିକାଦାରଙ୍କ ମଧ୍ୟରେ ସଠିକ୍ ଭାବେ ତାଳମେଳ ନ ରହିବା ହେତୁ ନୂଆଗାଁ ବ୍ଲକ୍ ପାଇଁ ଆସିଥିବା ୧୧ କୋଟି ଟଙ୍କାରୁ ୪ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନପାରି ଫେରିଯାଇଥିଲା। ଯାହାକି ନୂଆଗାଁ ବ୍ଲକ୍‌ର ବିକାଶ ପାଇଁ ଏକ ବଡ଼ କ୍ଷତି ହୋଇଥିଲା। ହେଲେ ଏତେ ଟଙ୍କା ଫେରିଯିବା ବିଷୟକୁ ନେତା ଏବଂ ପ୍ରଶାସନଙ୍କ ସମେତ ଜନସାଧାରଣ କେହି ସହଜରେ ଗ୍ରହଣ କରିପାରିଲେ ନାହିଁ। ତେବେ ୩୭୬ଟି ପ୍ରକଳ୍ପକୁ କେଉଁ ଠିକାଦାର କରିବେ, ତାହାର ନିଷ୍ପତ୍ତି ପ୍ରଶାସନିକ ଅଧିକାରୀଙ୍କ ଉପରେ ନ ଛାଡ଼ି ବଡବଡ଼ିଆ ନେତା ମାନେ ନିଷ୍ପତ୍ତି ନେଇଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଟଙ୍କା ଆସିଥିବା ହେତୁ ପଞ୍ଚାୟତ ସ୍ତରରେ ନେତାଙ୍କୁ ସନ୍ତୁଷ୍ଟ କରିବା ସହିତ ଭୋଟ ହାତେଇବା ପାଇଁ ସବୁ ଦଳୀୟ କର୍ମୀ ମାନଙ୍କୁ କାମ ବାଣ୍ଟି ଦିଆଗଲା। କିଛି ଠିକାଦାର ଖୁବ୍‌ଶୀଘ୍ର କାମ ଶେଷ କରିଦେଇଥିବା ବେଳେ ଆଉ କିଛି ଦକ୍ଷତାବିହୀନ ଠିକାଦାର କାମଟିକୁ କରିନପାରି ମାସ ମାସ ଧରି ପକାଇ ରଖିଲେ। ଯାହାଦ୍ୱାରା ସରକାର ପରିବର୍ତ୍ତନ ହେବା ପରେ ଆଦୌ କାମ ଆରମ୍ଭ ହୋଇନଥିବା ୧୬୨ଟି ପ୍ରକଳ୍ପ ପାଇଁ ଆସିଥିବା ଟଙ୍କା ଫେରି ଯାଇଥିଲା। ବିଶେଷ କରି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଯୁବବର୍ଗଙ୍କ ଖେଳ ସାମଗ୍ରୀ କିଣିବା ପାଇଁ ପ୍ରତି ପଞ୍ଚାୟତକୁ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଦିଆଯାଇଥିଲା। ହେଲେ ଏହି ଟଙ୍କାକୁ ମଧ୍ୟ ପ୍ରଶାସନିକ ଅଧିକାରୀ କିମ୍ବା ନେତାମାନେ ଖର୍ଚ୍ଚ କରିପାରିଲେ ନାହିଁ। ନେତା ନା ପ୍ରଶାସନ କିଏ ଏହି ସାମଗ୍ରୀ ଗୁଡ଼ିକୁ କିଣିବ, ତାକୁ ନେଇ ଟଣାଓଟରା ଚାଲିଲା। ଖେଳ ସାମଗ୍ରୀ କ୍ରୟ ବାବଦକୁ ୨୨ଟି ପଞ୍ଚାୟତ ପାଇଁ ଆସିଥିବା ୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନପାରି ଫେରିଯାଇଥିଲା। ଯାହାକି ଯୁବବର୍ଗଙ୍କୁ ଅତ୍ୟନ୍ତ ଭାବେ ମର୍ମାହତ କରିବା ସହିତ ନେତା ଏବଂ ପ୍ରଶାସନିକ ଅଧିକାରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଥିଲେ। ଏହି ଯୋଜନାରେ ୪ କୋଟି ୫୦ ଲକ୍ଷ ଟଙ୍କା ଫେରିଯିବା ଘଟଣାକୁ ନେଇ ନିଜ ନିଜ ଅଞ୍ଚଳରେ ଜନସାଧାରଣ ନେତା ମାନଙ୍କୁ ପ୍ରଶ୍ନ ପଚାରିବା ଆରମ୍ଭ କରିବା ପରେ ନେତା ମାନେ ବ୍ଲକକୁ ଆସି ପ୍ରଶାସନକୁ ପ୍ରଶ୍ନ ପଚାରିଥିଲେ। ହେଲେ ମାସ ମାସ ଧରି ବିଭିନ୍ନ ପ୍ରକଳ୍ପରେ କାମ ଗୁଡ଼ିକ ଆରମ୍ଭ ନ ହୋଇପାରିବା ହେତୁ ତାହା ଫେରିଯାଇଥିବା ଜଣାପଡ଼ିଥିଲା। ଏପରିସ୍ଥଳେ ନୂଆଗାଁ ବ୍ଲକର ନେତା ନା ପ୍ରଶାସନ କିଏ ବିକାଶରେ ବାଧକ ସାଜୁଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

## ରାଧା କୃଷ୍ଣଙ୍କ ମାଳତୀ ଝୁଲଣ ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋସାଣୀ ବ୍ଲକର କେରାଣ୍ଡି ପଞ୍ଚାୟତର ପୁରୁଣା କେରାଣ୍ଡି ଗ୍ରାମରେ ମାଳତୀ ଝୁଲଣ ଅନୁଷ୍ଠିତ ହେଉଅଛି। ଏହି ଝୁଲଣ ଚାରି ତାରିଖରୁ ନଅ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ସନ୍ଧ୍ୟା ସମୟରେ ଠାକୁରଙ୍କୁ ଆଳତୀ କରାଯାଉଛି। ସଙ୍କୀର୍ତ୍ତନ ଦଳ ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହେ। ପ୍ରଭୁ ଶ୍ରୀ ରାଧା ଗୋବିନ୍ଦକୁ ବିମାନରେ ବସାଇ ଝୁଲାଇବା ସହ ସଙ୍କୀର୍ତ୍ତନ ଓ ଭଜନ ପରିବେଷଣ କରୁଛନ୍ତି। ମନ୍ଦିର ପରିସର ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।ସେହିଭଳି ପାରଳାଖେମୁଣ୍ଡି ସ୍ଥିତ କରଣ ସାହିରେ ଥିବା ସାନ ରାଧାକାନ୍ତ ମଠରେ ଠାକୁରଙ୍କୁ ସୁସଜ୍ଜିତ ଦୋଳିରେ ବସାଇ ଝୁଲଣ କରାଯାଉଛି। କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂ କୀର୍ତ୍ତନ ଓ ଭଜନ ପରିବେଷଣ କରାଯାଉଛି।

## ରାସ୍ତା ବିପର୍ଯ୍ୟସ୍ତ, ଖଟିଆରେ ବୁହାହେଲା ଶବ



କେନ୍ଦୁଝର, (ମହାଭାରତ) : ରାସ୍ତା ବିପର୍ଯ୍ୟସ୍ତ ସାଙ୍ଗକୁ ବନ୍ୟାରେ କଲଭର୍ଟ ଧୋଇ ଯାଇଛି। ଏବେ ଯାତାୟତ ସଂମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି। ଅଭିଯୋଗ କରାଯାଇଥିଲେହେଁ କୌଣସି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ସାଧାରଣ ଯାଆସ ପାଇଁ ଲୋକେ ବାଉଁଶପୋଲ କରି ଚଳ ପ୍ରଚଳ କରୁଛନ୍ତି। ଅନ୍ୟପଟେ ଜରୁରୀ କାଳୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୦୮ ଆମ୍ବୁଲାନ୍ସ ଗାଁ ଭିତରକୁ ପଶି ପାରୁନି। ଫଳରେ ମୃତ ଶବକୁ ଗାଁ ଲୋକେ ଖଟିଆ ଭାରରେ ବୋହି ଘରକୁ ଆଣିଛନ୍ତି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରିଂହପୁର ଗାଁ ମୁଣ୍ଡାସାହିର ପାରାଇ ସିଙ୍କୁ ଙ୍କ ସ୍ତ୍ରୀ ମାସୁରୀ ସିଙ୍କୁ(୫୦)କିଛିଦିନ ତଳେ କିଡନି ଓ ଲିଭର ସମସ୍ୟା ପାଇଁ ଗୁରୁତର ହୋଇ ପଡିବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ କେନ୍ଦୁଝର ପରେ ଅତି ସଂଙ୍କଟାପନ୍ନ ହେବାରୁ ଡାକ୍ତର କଟକ ମେଡିକାଲ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ମାସୁରୀ ଚିକିତ୍ସାଧିନ ଅବସ୍ଥାରେ ଆଖି ବୁଜିଥିଲେ। ଘରକୁ ପରିବାର ଲୋକେ ଶବ ଆଣିଥିଲେ।ହେଲେ ପିଚୁ ରାସ୍ତା ଠାରୁ ୫ଶହ ମିଟରୁ ଅଧିକ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି। ଲଗାଣ ବର୍ଷାରେ ପ୍ରାକୃତିକ ନାଳ ଗୁଡିକ ଫୁଲି ଉଠିବା ଦ୍ୱାରା ରାସ୍ତା କୋଡ ମାଟି କୂଳ ଖାଇ ଧୋଇ ଯାଇଛି। ବର୍ଷ ବର୍ଷ ଧରି ମରାମତି ଅଭାବରୁ ମାଟି କି ମୋରମ ମୁଠେ ପଡୁନଥିବା ଯୋଗୁଁ ଖାଲଖମା ଏବଂ ପାଣି କାଦୁଅ ଜମି ପୋଖରୀ ଭ୍ରମ ସୃଷ୍ଟି ହୋଇ ରହିଛି। ଏଣୁ ବାଇକ୍ ସାଇକେଲ ଛାଡ ଚାଲି ଚାଲି ଯିବା କଷ୍ଟ କର ହୋଇ ପଡିଛି।ବସବାସ କରୁଥିବା ୩୨ ପରିବାର ନାନାଦି ସମସ୍ୟାରେ ପଡୁଛନ୍ତି। କଲଭର୍ଟ ବନ୍ୟାରେ ଧୋଇ ଯାଇଥିବାରୁ ଗାଡି ସାହି ଭିତରକୁ ପଶି ପାରିନଥିଲା। ମାସୁରୀ ଙ୍କ ମୃତଦେହ ଖଟିଆରେ ବୋହି ଘର ପର୍ଯ୍ୟନ୍ତ ଆଣିଥିଲେ।ପରେ ଗାତଖୋଳି ଶବ ପୋତି ଦିଆଯାଇଥିଲା।ଏଠାକୁ ଅନେକ ଦିନ ଧରି ଜିଲ୍ଲା ପ୍ରଶାସନ ଅଧିକାରୀ ମାନଙ୍କ ପାଦ ପଡୁନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତୁରନ୍ତ କଲଭର୍ଟ ଓ ରାସ୍ତା ମରାମତି କରାଯିବାକୁ ପ୍ରଶ୍ନ କୁମାର ହେମ୍ବ୍ରମ, ସତ୍ୟଜିତ୍ ଲାଗୁରୀ, ରଘୁନାଥ ଲାଗୁରୀ, ରାଉତ ସିଙ୍କୁ, ସାଧୁ ସିଙ୍କୁ, ରଘୁ ସିଙ୍କୁ,ମାଧବ ସାମାଟ,କୋମଲ ଲାଗୁରୀ, ପୂର୍ଣ୍ଣଚନ୍ଦ୍ର ମହାକୁଡ ପ୍ରମୁଖ ଦାବି କରିଛନ୍ତି।

## ନିର୍ଦ୍ଧାରିତ ମୂଲ୍ୟରୁ ୪୦୦ ଟଙ୍କା ଅଧିକରେ ବିକୁଛନ୍ତି ସାର ବ୍ୟବସାୟୀ

ଖଡ଼ିଆଳ, (ମହାଭାରତ) : ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ରଜନା ଗ୍ରାମରେ ବେଆଇନ ଭାବରେ ସାର ବିକ୍ରି ସହ ଡ଼ିଏପି ବସ୍ତା ପିଛା ୧୭୦୦, ୟୁରିଆ ୪୦୦, ପଟାସ ୧୮୦୦ ଟଙ୍କାରେ ବିକ୍ରି କରୁଥିବା ସ୍ଥାନୀୟ ଚାଷୀ ମାନେ ଅଭିଯୋଗ କରୁଛନ୍ତି । ସୂଚନା ଅନୁସାରେ ରଜନା ଗ୍ରାମର ହୃଦାନନ୍ଦ ସଗରିଆ ନାମକ ଜଣେ ବ୍ୟବସାୟୀ ବିନା ଲାଇସାନ୍ସ ରେ ଧାନ ଏବଂ ସାର ବିକ୍ରି କରୁଛନ୍ତି ତାହା ପୁଣି ସରକାରୀ ମୂଲ୍ୟ ଧାର୍ଯ୍ୟଠାରୁ ୪୦୦ ରୁ ୪୫୦ ଟଙ୍କା ଅଧିକରେ । ଏଭଳି ବେଆଇନ ଭାବରେ ବିକ୍ରି କରୁଥିଲେହେ ପ୍ରଶାସନ ଟେର ପାଉନି । ଏବିଷୟରେ ଚିନ୍ତାକଲେ ଦୋକାନୀ ମାନଙ୍କ ସହ ମିଳିଭଗତ ରେ ରହି ବ୍ୟବସାୟ ଚଲଉଛନ୍ତି ଅଧିକାରୀ ବୋଲି ମନେ ଭାବନଟା ଉଙ୍କି ମାରେ । ଉକ୍ତ ଦୋକାନୀ ହୃଦାନନ୍ଦ ସଗରିଆଙ୍କୁ ଯୋଗାଯୋଗ କରି ବୁଝିବାରୁ ମୋର ଟ୍ରାନ୍ସପୋର୍ଟିଙ୍ଗ ଖର୍ଚ୍ଚ ହେଉଛି ସେଥିପାଇଁ ମୁଁ ଡ଼ିଏପି ୧୭୦୦ ଟଙ୍କା, ୟୁରିଆ ୪୦୦ ଟଙ୍କାରେ ଓ ପଟାସ ୧୮୦୦ ଟଙ୍କାରେ ବିକ୍ରି କରୁଛି ବୋଲି ସ୍ୱୀକାର କରିଥିଲେ । ସରକାରଙ୍କ ନିୟମ ଅନୁସାରେ କୌଣସି ବ୍ୟକ୍ତି ଯଦି ଧାନ ଓ ସାର ବିକ୍ରି କରୁଥିଲେ ତାଙ୍କ ଲାଇସେନ୍ସ ରହିବା ଦରକାର ହେଲେ ନୂଆପଡା ଜିଲ୍ଲା କୃଷିବିଭାଗ ସରକାରୀ ନିୟମର ଉଲଂଘନ କରି କେଉଁ ସ୍ୱାର୍ଥ ପାଇଁ ଜଣେ ସାଧାରଣ ବ୍ୟବସାଇଙ୍କୁ ସରକାରଙ୍କ ଡିପୋରୁ ସରକାରୀ ସମ୍ପତିକୁ ବିକ୍ରି ପାଇଁ ଦେଉଛନ୍ତି । ସରକାର ଚାଷୀ ମାନଙ୍କୁ ସହାୟତା କରିବା ପାଇଁ କମ ମୂଲ୍ୟରେ ଖତ ଯୋଗାଇ ଦେଉଥିବା ବେଳେ ତାହା ନୂଆପଡା ଜିଲ୍ଲା କୋମନା ବ୍ଲକରେ ଓଲଟା ଦେଖିବାକୁ ମିଳିଛି । ଏବିଷୟରେ ତଥ୍ୟ ସଂଗ୍ରହ ପାଇଁ ଆମେ ବ୍ଲକ କୃଷି ଅଧିକାରୀ ସୁଧାଂଶୁ ମେହେରଙ୍କୁ ବାରମ୍ବାର ଯୋଗାଯୋଗ କରୁଥିଲେହେ ଜାଣିଶୁଣି ଫୋନ ଉଠାଉ ନାହାନ୍ତି ଯେଉଁଥିରେ ସନ୍ଦେହ ଆହୁରି ଘନୀଭୂତ ହେଉଛି । ଜିଲ୍ଲା ପ୍ରଶାସନ ଏହା ଉପରେ ତଦନ୍ତ କରି ଉକ୍ତ ବ୍ୟବସାୟୀ କୁ ସିଲ କରିବାସହ ବ୍ୟବସାୟୀ ସହିତ ମିସି ଦୁର୍ନୀତି କରୁଥିବା ସରକାରୀ କର୍ମଚାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଚାଷୀ ସମୂହ ଦାବି କରିଛନ୍ତି ।

## ସନ୍ଦିଗ୍ଧ ଯୁବକଙ୍କୁ ନେଇ ବଢୁଛି ସନ୍ଦେହ: ଥାନାରେ ଅଭିଯୋଗ



ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ବରାଙ୍ଗ ଗ୍ରାମର କେତେକ ଗ୍ରାମବାସୀ କରିଛନ୍ତି ଏକ ଚାଞ୍ଚଲ୍ୟକର ଅଭିଯୋଗ। ଅଭିଯୋଗ ମୁତାବକ ଗତ କିଛି ମାସ ହେବ ଏହି ଗ୍ରାମରେ ରହୁଛନ୍ତି ଜଣେ ସନ୍ଦିଗ୍ଧ ଯୁବକ ଯାହାଙ୍କୁ ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ତାର ପରିଚୟ ଜାଣିବା ପାଇଁ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରଛନ୍ତି। ଅଭିଯୋଗ ପରେ ଉକ୍ତ ଯୁବକଙ୍କୁ ଥାନାକୁ ଡକାଯାଇଥିଲା ଏବଂ ତାର ସମସ୍ତ ପରିଚୟପତ୍ର ମଗାଯାଇଥିଲା ମାତ୍ର ଉକ୍ତ ଯୁବକଙ୍କ ନିକଟରେ ତାଙ୍କର କୌଣସି ପରିଚୟ ପତ୍ର ନଥିବାରୁ ସେ ୧୫ ଦିନ ଭିତରେ ସମସ୍ତ ପରିଚୟ ପତ୍ର ଥାନା ରେ ଦାଖଲ କରିବେ ବୋଲି ମହଲତ ନେଇଥିଲେ ମାତ୍ର ଏତେ ଦିନ ବିତିଯିବା ପରେ କୌଣସି ପ୍ରକାର କାଗଜପତ୍ର ଦେଖାଇ ନପାରିବା କାରଣ ରୁ କିଛି ଗ୍ରାମବାସୀଙ୍କ ସନ୍ଦେହ ବୃଦ୍ଧି ପାଇବାକୁ ଲାଗିଛି ।ଏ ବାବଦରେ ନିମାପଡା ଡ଼ିଏସପି, ଜିଲ୍ଲା ଏସପି ଓ କ୍ରାଇମବ୍ରାଞ୍ଚକୁ ମଧ୍ୟ ଗ୍ରାମବାସୀଙ୍କ ତରଫରୁ ପୋଷ୍ଟାଲ ମାଧ୍ୟମରେ ଅଭିଯୋଗ ହୋଇଛି।, କିଛି ବିଶେଷ ସୂତ୍ରରୁ ସୂଚନା ଯେ ଉକ୍ତ ଯୁବକ କେଉଁଝର ଜିଲ୍ଲା ଆଉ ସେ ଜଣେ ବିବାହିତ ଓ ତାଙ୍କ ଜନ୍ମିତ ସନ୍ତାନ ମଧ୍ୟ ରହିଛି ମାତ୍ର ଏ ଗ୍ରାମ ରେ କାହିଁ ରହୁଛନ୍ତି ଆଉ ରହିବା ପଛରେ ଉଦେଶ୍ୟ କଣ ତାହା ଅସ୍ପଷ୍ଟ ରହିଛି। ଯଦି ସେ ଠିକ ତାହେଲେ ଥାନା ରେ ଦେଇଥିବା ସମୟ ମୁତାବକ କଣ ପାଇଁ ନିଜ ପରିଚୟ ପତ୍ର ଦେଖାଇପାରୁନାହାନ୍ତି। ଏତେ ଦିନ ପରେ ଘଟଣାର ବିଧିବଦ୍ଧ ତଦନ୍ତ ନହେବାରୁ ଆଜି ପୁନଃବାର କିଛି ଗ୍ରାମବାସୀ ଥାନା କୁ ଆସିନ୍ୟାୟ ମାଗିଥିଲେ ଆଉ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଥାନା ଘେରାଉ କରିବାକୁ ମଧ୍ୟ ଧମକ ଦେଇଛନ୍ତି। ତେଣୁ ପ୍ରକୃତ ସତ୍ୟ କଣ ପୋଲିସ ର ତଦନ୍ତ ପରେ ଜଣାପଡିବ ।

## ସାଂସଦଙ୍କ ପାଣ୍ଠିରୁ ସୌର ଆଲୋକୀକରଣ

ଦଶପଲ୍ଲା, (ମହାଭାରତ): କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ସାଧାରଣ ଜନତାଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିବା ସହିତ କାର୍ଯ୍ୟକାରୀ ମଧ୍ୟ କରୁଛନ୍ତି। ବିଗତ ବର୍ଷ ରେ ଲୋକମାନେ ଡିବି, ଲଣ୍ଠନ ବ୍ୟବହାର କରି ଅନ୍ଧକାରରୁ ନିଜକୁ ଓ ନିଜ ପରିବାର କୁ ରକ୍ଷା କରୁଥିଲେ। ସମୟ କ୍ରମେ ସେ କିରୋସିନି ଡିବି, ଲଣ୍ଠନ ଆଉ ନାହିଁ। ବିଜୁଳି ଆଲୋକ ସମସ୍ତଙ୍କ ସାହା ଭରଷା ହୋଇଛି। କିନ୍ତୁ ବର୍ତମାନ ର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଭବିଷ୍ୟତ କୁ ଆଖି ଆଗରେ ରଖି ସୌର ଆଲୋକୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଯଦ୍ୱାରା ଲୋକଙ୍କ ଉପରେ ଅଯଥା ବିଜୁଳି ବିଲ ର ଭାର ପଡିବ ନାହିଁ ଓ ଆର୍ଥିକ ସ୍ଥିତିରେ ସୁଧାର ମଧ୍ୟ ଆସିବ। ତେବେ ଏଥିପାଇଁ ସରକାର ଅନେକ ଯୋଜନା ମାନ ହାତକୁ ନେଇଛନ୍ତି ଓ ସବସିଡି ରେ ସୋଲାର ଯୋଗାଉଛନ୍ତି। ଗାଁ ଗାଁ ରେ ଥିବା ମଠ, ମନ୍ଦିର, ରାସ୍ତା ତଥା ଅଧିକାଂଶ କାର୍ଯ୍ୟାଳୟ ମାନଙ୍କରେ ଏହି ସୌର ଆଲୋକ ବ୍ୟବସ୍ଥା କରାଯାଉଛି। ତେବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ପାଣ୍ଠିରୁ ସୌର ଆଲୋକ ବ୍ୟବସ୍ଥା ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ପଞ୍ଚାୟତରେ ଲଗାଯାଇଛି। ଏଥିପାଇଁ ପଂଚାୟତ ବାସୀ ଶ୍ରୀ ପାଣିଗ୍ରାହୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଅବ୍ୟବସ୍ଥା ରୋଗୀସେବା: ଅଭିଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଦାବୀ

ବଇଣ୍ଠା, (ମହାଭାରତ) : ଆଠମଲ୍ଲିକ ଉପଖଣ୍ଡର ବଇଣ୍ଠା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜରୁରୀ କାଳୀନ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଜାତୀୟ ରାଜପଥ ର ୫୫ ନମ୍ବର ଆମ୍ବ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଅବସ୍ଥିତ ହୋଇଥିଲେ ମଧ୍ୟ ଏଠାରେ ସ୍ଥାଇ ଡାକ୍ତର ନ ଥିବାରୁ ରାସ୍ତା ଦୁର୍ଘଟଣାରେ ଗୁରୁତରମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନୁଗୋଳ ମୁଖ୍ୟାଳୟକୁ ସ୍ତାନାତର କରାଯାଇଥାଏ । ଏଠାରେ ଜଣେ ମାତ୍ର ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ରେ ଦୀର୍ଘ ବର୍ଷ ହେଲା ରୋଗୀ ମାନଂକର ସେବା ଯୋଗାଇ ଦେଇ ଆସୁଛନ୍ତି। ଏମାନଙ୍କ ମଧ୍ୟରୁ କୌଣସି କାରଣ ପାଇଁ ଜଣେ କେହି ଛୁଟିରେ ରୁହନ୍ତି ସ୍ୱାସ୍ଥ୍ୟ ରେ ଗୁରୁତର ବାଧା ସୃଷ୍ଟି ହୋଇଥାଏ।ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୧୨ଟି ପଞ୍ଚାୟତ ର ପ୍ରାୟ ପଚାଶ ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ଆଗାମୀ ଦିନରେ ସରକାର ଯଦି ଖାଲି ଥିବା ଅଭିଜ୍ଞ ଡାକ୍ତର ପଦବି ପୁରଣ ନ କରନ୍ତି ତାହାହେଲେ ବଇଣ୍ଠା ତଥା ୧୨ ପଞ୍ଚାୟତର ସାଧାରଣ ଜନତା ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଜ଼ିଲ୍ଲା ପ୍ରେସ କ୍ଲବ ପକ୍ଷରୁ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ




ଖୋର୍ଦ୍ଧା, (ମହାଭାରତ) : ଜିଲ୍ଲାର ଅଗ୍ରଣୀ ସଙ୍ଗଠନ ଭାବେ ପରିଗଣିତ ଜ଼ିଲ୍ଲା ପ୍ରେସ କ୍ଲବ, ଖୋର୍ଦ୍ଧା ଓ ଜାନକୀ ବଲ୍ଲଭ ସ୍ମୃତି କମିଟି ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ପରିସରରେ ଏକ ବଡ଼ ଧରଣର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ସମ୍ବାଦ'ର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ସାଂସଦ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ପରିବେଶବିତ୍ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ କଂଗ୍ରେସ କର୍ମୀ ତଥା ସମାଜସେବୀ ଗୁରୁ ପ୍ରସାଦ ପଟ୍ଟନାୟକ, ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଏଂ ଭାରତୀୟ ସେନାବାହିନୀର ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରେସ କ୍ଲବର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଜ଼ିଲ୍ଲା ପ୍ରେସ କ୍ଲବ ତରଫରୁ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ବର୍ଷର ବିଭିନ୍ନ ସମୟରେ ଜ଼ିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଥିବା ସଡ଼କସୁରକ୍ଷା ସପ୍ତାହ, ରକ୍ତଦାନ ଶିବିର, ବୃକ୍ଷ ରୋପଣ ଜଳଛତ୍ର ର ଆୟୋଜନ ସମ୍ପର୍କରେ ଉପସ୍ଥିତ ଅତିଥିମାନଙ୍କୁ ସମ୍ୟକ ସୂଚନା ଦେଇଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ପ୍ରଂଶସା କରିବା ସହିତ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ଏବଂ ସୁଦୂର ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରିରୁ ଆଣିଥିବା ଚାରାବୃକ୍ଷ ପାଇଁ ଜାନକୀ ବଲ୍ଲଭ ସ୍ମୃତି ଉଦ୍ୟାନର ସଦସ୍ୟ ମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଉପସ୍ଥିତ ଅନ୍ୟ ଅତିଥି ମାନଙ୍କୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଆଗାମୀ ଦିନରେ ଏହି ପ୍ରକାରର ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଇବା ସହିତ ଅଧିକରୁ ଅଧିକ ବୃକ୍ଷ ରୋପଣ କରି ସୁସ୍ଥ ପରିବେଶ ଗଠନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ। ସେହିପରି ଖୋର୍ଦ୍ଧାର ଅନତି ଦୂରରେ ଚନ୍ଦକା ଅଭୟାରଣ୍ୟ ମଧ୍ୟରେ ରହିଥିବା ବିଂଝଗିରି ଗ୍ରାମରରେ ହଜାର ହଜାର ବୃକ୍ଷକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ବିକାଶ ନାମରେ ଉଚ୍ଛେଦ କରିବା ପ୍ରକ୍ରିୟାକୁ ଘୋର ବିରୋଧ କରିବା ନେଇ କହିଥିବା ବେଳେ ପରିବେଶକୁ ସୁରକ୍ଷା ଦେବାକୁ କ୍ୟାପଟେନ ଶ୍ରୀ ରାଉତରାୟ ଆହ୍ୱାନ ଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରାମଶଙ୍କର, ଓଡିଶା ସାମ୍ବାଦିକ ୟୁନିଅନ(ଓ.ୟୁ.ଜେ) ଖୋର୍ଦ୍ଧା ଜ଼ିଲ୍ଲାଶାଖା ସଭାପତି ତପନ କୁମାର ନାୟକ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ(ଓ.ୟୁ.ଡବ୍ଲ୍ୟୁ.ଜେ) ଖୋର୍ଦ୍ଧା ଜ଼ିଲ୍ଲାଶାଖା ସଭାପତି ପ୍ରକାଶ କୁମାର ହାତୀ, ଉତ୍କଳ ସାମ୍ବାଦିକ ସଙ୍ଘ(ୟୁ.ଜେ.ଏ) ଖୋର୍ଦ୍ଧାଜ଼ିଲ୍ଲା ଶାଖା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ବ୍ୟତୀତ ଜାନକୀ ବଲ୍ଲଭ ସ୍ମୃତି କମିଟି ଟ୍ରଷ୍ଟ ର ସମ୍ପାଦକ ସଞ୍ଜୟ ପଟ୍ଟନାୟକ, କୋଷାଧକ୍ଷ ପ୍ରକାଶ କୁମାର ସାମନ୍ତରାୟ ଏବଂ ଖୋର୍ଦ୍ଧା ଅଞ୍ଚଳର ବିଭିନ୍ନ ବୁଦ୍ଧିଜୀବି, ବରିଷ୍ଠ ନାଗରିକଙ୍କ ସମେତ ଜ଼ିଲ୍ଲାପ୍ରେସ କ୍ଲବର ସମସ୍ତ ସଦସ୍ୟଉପସ୍ଥିତ ରହି ଜାନକୀ ବଲ୍ଲଭ ଉଦ୍ୟାନ ପରିସରରେ ଆସିଥିବା ବିଭିନ୍ନ କିସମର ଚାରାମାନ ରୋପଣ କରିଥିଲେ ଏବଂ ରୋପଣ ହୋଇଥିବା ବୃକ୍ଷ ମାନଙ୍କରେ ରାକ୍ଷୀ ବନ୍ଧାଯାଇ ତାହାର ସେବା, ଯତ୍ନ ଓ ସୁରକ୍ଷା ପାଇଁ ସମସ୍ତ ସାମ୍ବାଦିକ ଶପଥ ନେଇଥିଲେ ।

## ଦେଶୀ ମଦ ଜବତ, ୧ ଗିରଫ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମର ସୁରେଶ ପରିଡାଙ୍କ ଠାରୁ ୩୦ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରବା ସହିତ ସୁରେଶ କୁ ଗିରଫ କରାଯାଇଥିବା ଅବକାରୀ ବିଭାଗୀୟ ଅଧିକାରୀ ଭବାନୀ ଶଙ୍କର ବେହେରା ସୂଚନା ଦେଇଛନ୍ତି।ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ସମେତ କନେଷ୍ଟବଲ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ନୟାଗଡ଼ ଡାକ ବିଭାଗରେ ପ୍ରବଳ ଭିଡ଼ ସ୍ପିଡ୍ ପୋଷ୍ଟ ପାଇଁ ଲମ୍ବା ଲାଇନ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଡାକ ଘରେ ପ୍ରବଳ ଭିଡ଼ୟ ସ୍ପିଡ୍ ପୋଷ୍ଟ ପାଇଁ ଲମ୍ବା ଲାଇନ। ଦୂର ଦୂରାନ୍ତ ରେ ଥିବା ଭାଇ ପାଖଙ୍କୁ ରାକ୍ଷୀ ପଠାଇବା ପାଇଁ ଏ ଭଳି ଭିଡ଼ି ଦେଖିବା ପାଇଁ ମିଳିଛି। ସେପଟେ ସର୍ଭର ସମସ୍ୟା ପାଇଁ ଗତକାଲି ଠାରୁ ସ୍ପିଡ୍ ପୋଷ୍ଟ ପାଇଁ ସମସ୍ୟା ଦେଖା ଦେଇଛି। ଲୋକଙ୍କ ଗହଳି ଦେଖି ଡାକ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଡାକ ଘର କାର୍ଯ୍ୟାଳୟରେ ରାକ୍ଷୀ ପାଇଁ ସ୍ୱତନ୍ତ୍ର ଭାବେ ଦୁଇଟି କାଉଁ□ର ଖୋଲା ଯାଇଛି। ଏଥିରେ କେବଳ ରାକ୍ଷୀ ପଠାଇବା ପାଇଁ ସୁବିଧା କରାଯାଇଛି। ସର୍ଭର ସମସ୍ୟା ଥାଇ ମଧ୍ୟ ଦୁଇ ଦିନ ମଧ୍ୟରେ ୭ ଶହ ଜଣ ଙ୍କର ରାକ୍ଷୀ ସ୍ପିଡ୍ ପୋଷ୍ଟ କରାଯାଇଥିବା ଡାକ ବିଭାଗ ପକ୍ଷରୁ କୁହାଯାଇଛି। ରାକ୍ଷୀ ଭାଇ ଭଉଣୀ ସମ୍ପର୍କ ର ପବିତ୍ର ଡୋରି ହୋଇଥିବା ରୁ ଏହାକୁ ପଠାଇବା ପାଇଁ ବିଭିନ୍ନ ଡାକ ଘରେ ଗହଳି ଦେଖିବା ପାଇଁ ମିଳିଛି। ନୂଆ ସଫ୍ଟୱେର ଆଇଟି ୨ ପଏଣ୍ଟ ୦ ପାଇଁ ଏମିତି କିଛି ସମୟ ପାଇଁ ସମସ୍ୟା ଦେଖା ଦେଇଥିବା ବିଭାଗ ପକ୍ଷରୁ କୁହାଯାଇଛ।

## ଶିକ୍ଷା ଲାଭ କରିବା ପାଇଁ ଧାରଣା



ହାଟଡିହ(ମହାଭାରତ): ହାଟଡିହି କୋମଳ ବତି ଛାତ୍ର ଛାତ୍ରୀ ମାନଙ୍କୁ ଓଡ଼ିଶା ଖଣି ନିଗମ ବିଭାଗ ଶିକ୍ଷା ବିଭାଗ ଠକି ଥିବାରୁ ଆଜି ଛାତ୍ର ଛାତ୍ରୀ ଓ ସେମାନଙ୍କ ର ଅଭିଭାବକ ମାନେ ଗେଟ ସମ୍ମୁଖ ରେ ଜଗି ରହିଥିଲେ। ଓଡ଼ିଶା ଖଣି ନିଗମ ବିଭାଗ ପକ୍ଷରୁ ଶିକ୍ଷା ବିଭାଗ ଦାୟିତ୍ୱ ରେ ଥିବା ମଧୁସ୍ମିତା ଦାସ ଆସି ବାସ୍ତବତା ବୁଝିଥିଲେ। ଏଠାରେ ସ୍ଥାନୀୟ ଲୋକ ମାନଙ୍କୁ ବହୁ ସମୟରେ ଓଡ଼ିଶା ନିଗମ ବିଭାଗ ର କର୍ମଚାରୀ ମାନେ ସ୍ଥାନୀୟ ଲୋକ ମାନଙ୍କୁ ଦୁର୍ବ୍ୟବହାର କରୁଥିବାରୁ ଆସିଥିବା ଅଭିଭାବକ ମାନେ ନିଜର କ୍ଷୋଭ ଶିକ୍ଷା ବିଭାଗ ଅଧିକାରୀ ଙ୍କୁ ଜଣାଇଥିଲେ। ପରେ ଛୋଟ ଛୋଟ ପିଲାମାନଙ୍କୁ ଆଗାମୀ ୧୧ ତାରିଖ ସୁଦ୍ଧା ନେଇ ପାଠ ପଢା ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ରଘୁନାଥ ପରିଡ଼ା, ଭଗବାନ ମାଝୀ, ସୁଶାନ୍ତ କୁମାର ପାଇକ ରାୟ, ହେମନ୍ତ ପଢ଼ିଆରୀ, ରମେଶ ବେହେରା, ଗୌରାଙ୍ଗ ପା, ଆଲେର କୁମାର ସାହୁ, ଶରତ ଚନ୍ଦ୍ର ସାହୁ, ମହେନ୍ଦ୍ର କୁମାର ସାହୁ, ବଳରାମ ମାଝୀ, ରମେଶ ଚନ୍ଦ୍ର ହୋ, ଟୁକୁନ ପଢିଆରୀ, କୁନି ମହାରଣା, ଗୀତା ରାଣୀ ମହାରଣା, ମନ୍ଦାକିନୀ ବେହେରା, ମାଳତୀ ନାଇକ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

ଗଜପତି(ମହାଭାରତ): ଆଜି ଗଜପତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତାଙ୍କ ଅଧକ୍ଷତାରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଜିଲ୍ଲାସ୍ତରୀୟ ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ମାନ୍ୟବରମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ଆଇନ,ପର୍ତ୍ତ ଓ ଅବକାରୀ ବିଭାଗ , ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାସ୍ତରୀୟ ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟକୁ ଶୁଭାରମ୍ଭ କରିଥିଲେ ୟ ସମ୍ମାନିତ ଅତିଥି ଭାବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ,ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ଆରକ୍ଷୀ ଅଧିକ୍ଷକ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ମଞ୍ଚାସିନ ଥିଲେ।

## ନୂତନ ଏବିଡ଼ିଓ ଙ୍କୁ ଭେଟିଲେ ବିଜେପି ସକ୍ରିୟ କର୍ମୀ



ହାଟଡିହ(ମହାଭାରତ): ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ଏ ବିଡ଼ିଓ ପଦବୀ ପାଇଁ ଯୋଗ ଦେଇଛନ୍ତି ନୂଆ ଏବିଡିଓ ରଶ୍ମି ରେଖା ନାଇକ। ମଙ୍ଗଳ ବାର ବିଜେପି ପକ୍ଷରୁ ଶିକ୍ଷା ବିଭାଗ ର ସାଂସଦ ପ୍ରତିନିଧି ସୁଶାନ୍ତ କୁମାର ଜେନା, ବିଜେପି ନେତ୍ରୀ ,ତୃପ୍ତିମୟୀ ଜେନା,ବସନ୍ତ କୁମାର ନାଇକ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହା ଛଡ଼ା ହାଟଡିହି ବ୍ଲକ ରେ ପୂର୍ବରୁ ବହୁ ସମସ୍ୟା ବିଭିନ୍ନ ସମୟରେ ଉପୁଜୁଥିବା ରୁ ସବୁ ଦିଗ କୁୟ ଦେଖି ସରକାର ଙ୍କ ସମସ୍ତ ଯୋଜନା ସଫଳ ରୂପାୟନ ପାଇଁ ଆଲୋଚନା କରିଥିଲେ।

# ନୟାଗଡ଼ରେ ମେଡିକାଲ କଲେଜ ନିର୍ମାଣ ଦାବିକୁ ଜୋରଦାର କରିବାକୁ କମିଟି ଗଠନ

## ଗାଁ ଗାଁରେ ଉଠିବ ସ୍ୱର, ସଚେତନତା ପାଇଁ ଉଦ୍ୟମ



ନୟାଗଡ(ମହାଭାରତ): ନୟାଗଡ଼ରେ ମେଡିକାଲ କଲେଜ ନିର୍ମାଣ ଦାବି ନେଇ ଜୋର ଧରିଲା ଆଲୋଚନା। ସରକାର ପ୍ରତି ଜିଲ୍ଲାରେ ମେଡିକାଲ ନିର୍ମାଣ କରାଯିବାକୁ ଘୋଷଣା କରିଥିଲେ। ନୟାଗଡ଼ରେ କେବେ ମେଡିକାଲ କଲେଜ ନିର୍ମାଣ ପାଇଁ ଅନୁମୋଦନ ପ୍ରଦାନ କରିବେ ବୋଲି ନୀଳମାଧବ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପ୍ରଶ୍ନ ଉଠିଛି। ଜୟ ନୟାଗଡ଼ ଫାଉଣ୍ଡେସନ୍ ଆନୁକୂଲ୍ୟରେ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏନେଇ ମତ ପ୍ରକାଶ ପାଇଛି। ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ହୋଇଥିବା ଆଲୋଚନାରେ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଶେଖ୍ ଅବ୍ଦୁଲ୍ ଆହ୍ଲାଦ, କଂଗ୍ରେସ ନେତା ମନୋଜ ସାହୁ, ଯୁବନେତା ସନ୍ତୋଷ ପ୍ରଧାନ, ବସନ୍ତ ପଟ୍ଟନାୟକ, ସିଭିଲ ସୋସାଇଟ ପକ୍ଷରୁ ଗୋଦାବରିଶ ସାହୁ, ଭଗବତୀ ପଟ୍ଟନାୟକ, ଶ୍ରୀକାନ୍ତ ଖଟେଇ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ପ୍ରଭାସିନୀ ନନ୍ଦ, ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସାମ୍ବାଦିକ ରାମକୃଷ୍ଣ ରଥ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେୟ ମେଡିକାଲ କଲେଜ ଦାବିକୁ ଜୋରଦାର କରିବା ପାଇଁ ସ୍ୱରକୁ ଜୋର କରିବାକୁ ହେବୟ ଏଥିପାଇଁ ବିଭିନ୍ନ ବର୍ଗର ଲୋକଙ୍କୁ ଯୋଡ଼ିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଛି। ଗାଁ ଗାଁରେ କିଭଳି ସ୍ୱର ଉଠିବ, ସେ ନେଇ ସଚେତନତାକୁ ଜୋର ଦେବାକୁ ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ୮ଟି ବ୍ଲକରୁ ସଂଗଠନ, ସାମ୍ବାଦିକ, ଆଇନଜୀବୀ ଓ ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ସଂଗଠନକୁ ସାମିଲ କରିବାକୁ ପ୍ରସ୍ତାବ ମିଳିଛି। ଏଥିପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। କମିଟିରେ ସନ୍ତୋଷ ପ୍ରଧାନ, ମନୋଜ କୁମାର ସାହୁ, ଶ୍ରୀକାନ୍ତ ଖଟେଇ, ପ୍ରମୋଦ ପଟ୍ଟନାୟକ, ବୈଦ୍ୟଭୂଷଣ ମହାପାତ୍ର, ରାମକୃଷ୍ଣ ରଥ, ଗୌରୀ ଶଙ୍କର ଦାସ ଲୋକନାଥ ମିଶ୍ର ପ୍ରମୁଖ ରହିଛନ୍ତ। କମିଟି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବୟ ଜୟ ନୟାଗଡ଼ ଫାଉଣ୍ଡେସନ୍ ତରଫରୁ ଚାଲିଥିବା ଦସ୍ତଖତ ଅଭିଯାନକୁ ତ୍ୱରାନ୍ୱିତ କରି ଏକ ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବ। ଏହା ସହିତ ସୋସିଆଲ ମିଡିଆରେ ଦାବିକୁ ଉପସ୍ଥାପନ କରାଯିବାକୁ ସ୍ଥିର କରାଯାଇଛି। ତା ପରେ ବି ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଜୋରଦାର ଆନ୍ଦୋଳନ କରିବାକୁ ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ବହୁ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଜିଲ୍ଲାବାସୀ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ବୌଦ୍ଧ, କନ୍ଧମାଳ, କଟକ ଜିଲ୍ଲାର କିଛି ଅବାସୀ ମଧ୍ୟ ନିର୍ଭର କରୁଛନ୍ତି। ଜିଲ୍ଲାର ୮ଟି ବ୍ଲକ ଚିକିତ୍ସା ସୁବିଧା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ। ଏହାକୁ ଦୃଷ୍ଟିରେ ରଖି ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ନିର୍ମାଣକୁ ଗୁରୁତ୍ୱ ଦେବାକୁ ସରକାରଙ୍କୁ ବାଧ୍ୟ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନ ସଂଯୋଜକ ଶ୍ରୀତମ କୁମାର ପ୍ରଧାନ, ଅଂଶୁମାନ ସାହୁ, ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ଜୀବନ ଜ୍ୟୋତିପ୍ରକାଶ ରାଉତ, ସୋସିଆଲ ମିଡ଼ିଆ ସଂଯୋଜକ ଅରବିନ୍ଦ ପାଢ଼ୀ, ଦିବ୍ୟରଞ୍ଜନ ସାହୁ, ଶାଶ୍ୱତ ରଞ୍ଜନ ପ୍ରଧାନ, ଅନୁରାଗ ସ୍ୱାଇଁ, ରାକେଶ ସିଠ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଅଭିଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଦାବୀ ଜୋର୍ ଧରିଲା

### ଅବ୍ୟବସ୍ଥା ମଧ୍ୟରେ ରୋଗୀ ସେବା



ବଇଣ୍ଡା (ମହାଭାରତ): ଆଠମଲ୍ଲିକ ଉପଖଣ୍ଡର ବଇଣ୍ଡା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜରୁରୀ କାଳୀନ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଟି ଜାତୀୟ ରାଜପଥ ର ୫୫ ନମ୍ବର ଆମ୍ବ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଅବସ୍ଥିତ ହୋଇ ଥିଲେ ମଧ୍ୟ ଏଠାରେ ସ୍ଥାଇ ଡାକ୍ତର ନ ଥିବାରୁ ରାସ୍ତା ଦୁର୍ଘଟଣାରେ ଗୁରୁତର ଆହତ ମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନୁଗୋଳ ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇ ଥାଏ। ଏଠାରେ ଜଣେ ମାତ୍ର ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ରେ ଦୀର୍ଘ ବର୍ଷ ହେଲା ରୋଗୀ ମାନଂକର ସେବା ଯୋଗାଇ ଦେଇ ଆସୁଛନ୍ତି। ଏମାନଙ୍କ ମଧ୍ୟରୁ କୌଣସି କାରଣ ପାଇଁ ଜଣେ କେହି ଛୁଟିରେ ରୁହନ୍ତି ସ୍ୱାସ୍ଥ୍ୟ ରେ ଗୁରୁତର ବାଧା ସୃଷ୍ଟି ହୋଇଥାଏ।ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୧୨ଟି ପଞ୍ଚାୟତ ର ପ୍ରାୟ ୫୦୦୦୦ ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ଆଗାମୀ ଦିନରେ ସରକାର ଯଦି ଖାଲି ଥିବା ଅଭିଜ୍ଞ ଡାକ୍ତର ପଦବି ପୁରଣ ନ କରନ୍ତି ବଇଣ୍ଡା ତଥା ୧୨ ପଞ୍ଚାୟତ ର ସାଧାରଣ ଜନତା ରାଜ ରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଗଣଧାରଣା ରେ ଡିହଗାଁ ଗ୍ରାମର ଚାଷୀ

ଦଶପଲ୍ଲା,(ମହାଭାରତ): ଚାଷୀ ଙ୍କ ଦୁଃଖ କେବଳ କାଗଜ କଲମରେ। ସରକାର ଚାଷୀ ଙ୍କ ପ୍ରତି ଆନ୍ତରିକତା ନଥିବା ଜଣାପଡୁଛି। ସମବାୟ ସମିତି ର ବିଭାଗୀୟ ଅଧିକାରୀ ଓ ସମ୍ପାଦକ ଙ୍କ ଭୁଲ ଲାଗି ଚାଷୀ ଆଜି ଗଣଧାରଣରେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଜଳେଶ୍ୱର ସେବା ସମିତି, ଡିହଗାଁ ଚାଷୀ ଙ୍କ କ୍ଷେତ୍ରରେ। ବିଗତ ଦିନରେ ଜଳେଶ୍ୱର ସମବାୟ ସମିତି, ଡିହଗାଁ ର ଜନୈକ କର୍ମଚାରୀ ଙ୍କ ଭୁଲ ଲାଗି ବ୍ଲକ ଲିଷ୍ଟରେ ରହିଛି। ଚାଷୀ ମାନେ ଧାନ ଦେବା ଓ ପଞ୍ଜିକରଣ ଆଦିରେ ଘୋର ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଚାଷୀ ମାନେ ଅନେକ ଥର ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଶୂନ।

## ପୂରଣ ହେଲା ବୁଡାଗୁଡା ବାସୀଙ୍କ ଦାବୀ

## ବନ୍ଦ ପଡିଥିବା ପୋଲିସ ଫାଣ୍ଡିକୁ କନ୍ଧମାଳ ଏସପି କଲେ ଉଦ୍‌ଘାଟନ

 କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ଏକ ମାଓପ୍ରବଣ ଜିଲ୍ଲା ଭାବରେ ପରିଗଣିତ।ସେଥିପାଇଁ ଜିଲ୍ଲାରେ ସମସ୍ତ ଉପାନ୍ତ ଅଞ୍ଚଳରେ ଖୋଲିଛି ପୋଲିସ ଥାନା ବା ଫାଣ୍ଡି ।ଉପାନ୍ତ ଅଞ୍ଚଳରେ ପୋଲିସ ଫାଣ୍ଡି ବା ଥାନା ନିର୍ମାଣ ଫଳରେ ମାଓବାଦୀଙ୍କ କାର୍ଯ୍ୟ କାଳ ଉପରେ ପୋଲିସର ତିକ୍ଷ୍ଣ ନଜର ରହିଥିବା କହିଛନ୍ତି ବାଲିଗୁଡା ଏସଡିପିଓ ।ଦୀର୍ଘ ଦିନ ହେଲା ବାଲିଗୁଡା ଥାନା ଅଧିନରେ ଥିବା ବୁଡାଗୁଡା ପୋଲିସ ଫାଣ୍ଡିଟି ଅଚଳ ହୋଇ ପଡିରହିଥିଲା ।ଯାହା ଫଳରେକି ଏହି ଉପାନ୍ତ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ,ରାହାଜାନୀ,ଡକାୟତ,ମର୍ଡର ଓ ମାଓବାଦୀଙ୍କ ଚଳପ୍ରଚଳ ଲାଗିରହିଥିଲା ।ସ୍ଥାନୀୟ ଜନସାଧାରଣ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଫାଣ୍ଡି ଖୋଲିବାକୁ ଦାବୀ କରିଥିଲେ ।ଦୀର୍ଘ ଦିନର ଲୋକଙ୍କ ଦାବୀ ପୂରଣ କରି ପୁଣି ପୋଲିସ ଫାଣ୍ଡିକୁ ଶୁଭଉଦ୍ଘାଟନ କରାଯାଇଛି ।ଏହି ଉଦ୍ଘାଟନ ରେ କନ୍ଧମାଳ ଏସପି ଯୋଗଦାନ କରି ରିବନ କାଟିବା ସହିତ ଫାଣ୍ଡିର ପରିଚାଳନା



କୁ ତନ ତନ କରି ପରଖିଥିବା ଦେଖିବାକୁ ମିଳିଥିଲା ।ଏହି ପୋଲିସ ଫାଣ୍ଡିରେ ୨୪ ଘଣ୍ଟା ପୋଲିସର ପ୍ଲାର୍ଟନ ରହିବା ସହିତ ଜଣେ ଏଏସ୍ଆଇ ଏଠାରେ ନିଯୁକ୍ତୀ ପାଇଥିବା ସୂଚନା ଦେଇଛନ୍ତି ବାଲିଗୁଡା ଏସଡିପିଓ ରାମେନ୍ଦ୍ର ପ୍ରସାଦ।

## ଖୁମଠାଣ ଓ ଭୈରବ କୁଣ୍ଡ ଠାରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ

କରଞ୍ଜିଆ,୮(ମହାଭାରତ) ମୟୁରଭଞ୍ଜ ଜିଲ୍ଲା କରଂଜିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହୁଲଡିହା ଖୁମଠାଣ ଛକରେ ହନୁମାନ ମନ୍ଦିର ପ୍ରାଙ୍ଗଣ ଓ ପୋଖରୀ ପରିସରରେ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଏବଂ କରଂଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅବସରରେ ବୃକ୍ଷ ରୋପଣ କରି ଶୁଭାରମ୍ଭ କରିଥିଲେ। ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସାଙ୍ଗକୁ କଳ କାରଖାନା ଦ୍ୱାରା ପରିବେଶ ଦୂଷିତ ହେଉଥିବା ଦେଖାଯାଇଛ। ଏଥିରୁ ରକ୍ଷା ପାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ବୃକ୍ଷ ରୋପଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆଜି ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ଏହି ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ଥିଲାବେଳେ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ ଖୁମଠାଣ ଛକ ଓ ଭୈରବ କୁଣ୍ଡ ଠାରେ ବୃକ୍ଷ ରୋପଣ କରିଥିଲେ। ଓଡିଶା ସରକାର ଙ୍କ ବନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ର କର୍ମକର୍ତ୍ତା ଓ କର୍ମଚାରୀ ମାନେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ପଶ୍ଚିମ ମୟୁରଭଞ୍ଜ ଜିଲ୍ଲା କୃଷକ ମୋର୍ଚ୍ଚା ର ପୂର୍ବତନ ଜିଲ୍ଲା ସଭାପତି ରଂଜନ ମହାନ୍ତ ଙ୍କ ସଂଯୋଜନା ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ ଶହରୁ ଊର୍ଦ୍ଧ୍ୱ ବଉଳ, ଆମ୍ବ, ବେଲ, କଦଳୀ, ନଡ଼ିଆ ପ୍ରଭୃତି ବୃକ୍ଷ ରୋପଣ କରାଯାଇଥିଲା।

## ପଞ୍ଚ ଭୂତରେ ଲୀନ ହେଲେ ରାଇରଙ୍ଗପୁର ବିଶିଷ୍ଟ ଆଇନଜୀବୀ ବରୁଣ ଦେ

ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର ର ବିଶିଷ୍ଟ ଓକିଲ ବରୁଣ ଦେ(୬୨) ଆଜି ସଂନ୍ଧ୍ୟାରେ ଜାମସେଦପୁରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି ।ବରୁଣ ଦେ ଜଣେ ବିଜେପିର ଆଗ ଧାଡିର ନେତା ଥିଲେ ।ସେ ପ୍ରାକ୍ତନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ିଶେଶ୍ୱର ଟୁଡୁଙ୍କର ରାଇରଙ୍ଗପୁରରେ ପ୍ରତିନିଧି ଥିଲେ ।ପୂର୍ବରୁ ମଧ୍ୟ ବିଜେଡି- ବିଜେପି ସରକାରରେ ସରକାରୀ ଓକିଲ ମଧ୍ୟ ଥିଲେ ।ସେ ଜଣେ ଅମାୟିକ,ମିଷ୍ଟଭାଷୀ,ମେଳାପି,ଭଦ୍ର ବ୍ୟକ୍ତି ଥିଲେ।ଜଣେ ଆଜୀବନ ବିଜେପି କର୍ମୀ ଥିଲେ ।ତାଙ୍କର ମର ଶରୀର ଦିନବୁଧବାର ଯାମସେଦପୁରରୁ ତାଙ୍କ ପୈତୃକ ବାସଭବନ ରାଇରଙ୍ଗପୁର ପୌରାଞ୍ଚଳର ଇଚିଣ୍ଡା ଗ୍ରାମକୁ ଅଣାଯାଇଥିଲା ।ତାଙ୍କ ବାସ ଭବନରେ ବିଜେପି ରାଜ୍ୟ ସଂପାଦକ ନବୀନ ରାମ, ପ୍ରାକ୍ତନ ସାଂସଦ ବିଶେଶ୍ୱର ଟୁଡୁ ,ବାପି ଦାସ,ବିକାଶ ମହାନ୍ତ,ସୁରଥ ପଟନାୟକ,ବୁଲା ପଟନାୟକ,ନିଗମାନନ୍ଦ ପଟନାୟକ,ସଂଞ୍ଜୟ ନାୟକ ସମେତ ଅନ୍ୟ ଦଳୀୟ କର୍ମୀ ପହଞ୍ଚି ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ପରେ ତାଙ୍କ ମୃତ ଶରୀର ରଖି ରାଇରଙ୍ଗପୁର ଓକିଲ ସଂଘ କାର୍ଯ୍ୟାଳୟକୁ ନିଆଯାଇଥିଲା।ସେଠାରେ ଓକିଲଂଧୁମାନେ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ



କଳିଙ୍ଗନଗର, ( ମହାଭାରତ) : ସ୍ଥାନୀୟ ଅଞ୍ଚଳବାସୀ, ଡ୍ରାଇଭର, କର୍ମଚାରୀ ଏବଂ ଶ୍ରମିକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ, ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ)ର ସୁରକ୍ଷା ବିଭାଗ ଓ କଳିଙ୍ଗନଗର ପୁଲିସ ଉଦ୍ୟମରେ ତିନି ଦିନିଆ ବର୍ଷା ଋତୁ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅଭିଯାନ ଡୁବୁରି ସ୍ଥିତ ଟାଟା ଷ୍ଟିଲର ମେନ୍ ଗେଟ୍-୧ ରେ ବୁଧବାର ଦିନ ଆରମ୍ଭ ହୋଇଯାଇଛି। ଏହି ଅଭିଯାନକୁ କଳିଙ୍ଗନଗରର ଅତିରିକ୍ତ ପୁଲିସ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଓ ଇନ୍ସପେକ୍ଟର ଇନ୍-ଚାର୍ଜ, କଳିଙ୍ଗନଗର ପୁଲିସ ଥାନା, ପ୍ରକାଶ କୁମାର ସାହୁ, ଔପଚାରିକ ଭାବେ ଉଦଘାଟନ କରିଥିଲେ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗର ଓ ଟାଟା ଷ୍ଟିଲ ମେରାମଣ୍ଡଳୀ ର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଅତ୍ୟଧିକ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା କଷ୍ଟକର ସଡ଼କ ପରିସ୍ଥିତି ଜନିତ ବିପଦକୁ ହ୍ରାସ କରିବା। ଏହି ଅଭିଯାନରେ ମୋନସୁନ ସମୟରେ ସଡ଼କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରାଯାଇଛି ।ଏହି ଅବସରରେ ଚାଳକମାନଙ୍କୁ ସିଟ୍ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ସଚେତନ କରାଯିବା ସହିତ, ବାଇକ ଚାଳକ ଏବଂ ପିଲିଅନ୍ ଆରୋହୀଙ୍କୁ ସର୍ବଦା ହେଲମେଟ୍ ପିନ୍ଧିବା ପାଇଁ ଉତ୍ସାହିତ କରାଯାଇଥିଲା। ଏଥି ସହ ମୋନସୁନ ସମୟରେ ଗ୍ରହଣୀୟ ମୁଖ୍ୟ ସତର୍କତା ସମ୍ବନ୍ଧୀୟ ସୁରକ୍ଷା ପତ୍ରିକା ମଧ୍ୟ ବିତରଣ କରାଯାଇଥିଲା।କାର୍ଯ୍ୟକ୍ରମ ଆରମ୍ଭରେ ଏକ ନୁକ୍କଡ୍ ନାଟକ (ପଥପ୍ରାନ୍ତ ନାଟକ) ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯାହା ବର୍ଷା ଋତୁରେ ଗାଡି ଚାଳନା ସମୟରେ ସୁରକ୍ଷା ନିୟମ ଅନୁସରଣ କରିବାର ଗୁରୁତ୍ୱ ଉପରେ ଦର୍ଶକଙ୍କୁ ଶିକ୍ଷା ଦେଇଥିଲା।ଏହି ନାଟକ ମାଧ୍ୟମରେ ହେଲମେଟ୍ ପିନ୍ଧିବାର ଆବଶ୍ୟକତା, ସୁରକ୍ଷିତ ଚାଳନା, ଗାଡିର ଭଲ ଅବସ୍ଥା ରଖିବା ଓ ଅନ୍ୟାନ୍ୟ ଗାଡି ସହିତ ଯଥୋଚିତ ଦୂରତା ବଜାୟ ରଖିବା ଭଳି ଦୃଶ୍ୟ ଦେଖାଯାଇଥିଲା। ଏହି ସଚେତନତା ଅଭିଯାନ ମାଧ୍ୟମରେ ବର୍ଷା ଋତୁ ସମୟରେ ସାପ କାମୁଡ଼ା, ଡେଙ୍ଗୁ, ମ୍ୟାଲେରିଆ ଓ ଜଳବାହିତ ରୋଗ ପାଇଁ ମଧ୍ୟ ଲୋକମାନଙ୍କୁ ସତର୍କ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ରୋଗ ପ୍ରତିରୋଧର ଉପାୟ ଓ ରୋଗ ଚିହ୍ନଟ ପାଇଁ ପ୍ରାରମ୍ଭିକ ଲକ୍ଷଣ ବିଷୟରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା ।ବର୍ଷା ଋତୁରେ ସଡ଼କ ସୁରକ୍ଷା ସଂସ୍କୃତି ଏବଂ ଜନସଚେତନତା ବିକାଶ ପାଇଁ ଜଳବାହିତ ଓ ଭେକ୍ଟର ଜନିତ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ମିଳିତ ପ୍ରୟାସ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ।

## ଆନନ୍ଦପୁର ବିଧାୟକ ଙ୍କ ବୋଲବମ୍ ଯାତ୍ରାୟ

ହାଟଡିହି(ମହହାଭାରତ): ରାଜ୍ୟ ସରକାର ଏବେ ଲୋକଙ୍କ ର ଯେତେ ନିକଟ ତର ହେଉଛନ୍ତି ସେତିକି ବିରୋଧୀ ଦଳର ନେତାମାନେ ମଧ୍ୟ ଲୋକଙ୍କ ସମସ୍ୟା ସମାଧାନ କରିବା ଓ ସୁଖ ଦୁଃଖ ରେ ସେମାନଙ୍କ ପାଖରେ ଛିଡ଼ା ହେବା ପାଇଁ ଆଗଭର ହେଉଛନ୍ତି। ସେଥିପାଇଁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପୂର୍ବରୁ ପ୍ରତି ବର୍ଷ ଶିବ ଙ୍କ ମସ୍ତକ ପାଣି ଲାଗି କରି ଥାନ୍ତି । ଏବର୍ଷ ମଧ୍ୟ କାଶୀ ବିଶ୍ୱନାଥ, ବାରାଣସୀ, ମଧ୍ୟ ପ୍ରଦେଶ ର ଉଜ୍ଜୟିନୀ କୁ ନିଜ ଗାଁ ଯୁବକ ମାନଙ୍କୁ ନେଇ ଯାତ୍ରା କରିଛନ୍ତି। ଏହାକୁ ନେଇ ପତ୍ନୀ ସାବିତ୍ରୀ ସେଠୀ ଶୁଭକାମନା କରିବା ସହ ପରିବାରବର୍ଗ ଆର୍ଶୀବାଦ କରିଛନ୍ତି। ବିଧାୟକ ଅଭିମନ୍ୟୁ ସେଠୀ ପୂର୍ବରୁ ନିଜ ପରିବାର ଲୋକଙ୍କ ମଙ୍ଗଳ କାମନା କରିବା ପାଇଁ ପାଣି ଭାର ନେଉଥିବା ବେଳେ ଏବେ ତାଙ୍କ ନିର୍ବାଚନ ମଣ୍ଡଳୀ ର ପ୍ରତି ଲୋକଙ୍କ ପାଇଁ ପାଣି ନେଇଥିବା କହିଛନ୍ତି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ଗୁରୁବାର, ୦୭ ଅଗଷ୍ଟ, ୨୦୨୫




## ପଞ୍ଜାବର ଅକ୍ସିଜେନ୍ ସିଲିଣ୍ଡର ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ, ଦୁଇ ମୃତ

ପଞ୍ଜାବ ୬/୮ : ପଞ୍ଜାବର ମୋହାଲୀ ଜିଲ୍ଲାରେ ଅକ୍ସିଜେନ୍ ସିଲିଣ୍ଡର ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ଜଣ ଲୋକ ଗମ୍ଭୀର ଭାବେ ଆହତ ହୋଇଛନ୍ତି । ଏପରି ଅଘଟଣ ବୁଧବାର ସକାଳୁ ଦେଖିବାକୁ ମିଳିଛି । କିନ୍ତୁ ଏପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡିନାହିଁ । ବିସ୍ଫୋରଣ ଶବ୍ଦ ହେବାରୁ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଥିଲା । ସୂଚନାନୁଯାୟୀ, ଏହି ଘଟଣା ପରେ ଉପ-ବିଭାଗୀୟ ମାଜିଷ୍ଟ୍ରେଟଙ୍କ ସମେତ ବରିଷ୍ଠ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଉଦ୍ଧାର କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ । ଚିକିତ୍ସା ପାଇଁ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବିସ୍ଫୋରଣର କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଚାଲିଛି । ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବର୍ଣ୍ଣାଲା ଜିଲ୍ଲାର ଏକ ମନ୍ଦିରର ରୋଷେଇ ଘରେ ବଡ଼ ଚୁଲିରେ ଡିଜେଲ ଢାଳିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା । ପ୍ରାୟ ୭ଟାରେ ବର୍ଣ୍ଣାଲାର ଧନୌଲାର ଏକ ମନ୍ଦିରରେ ଭକ୍ତଙ୍କ ପାଇଁ 'ଲଙ୍ଗର' ପ୍ରସ୍ତୁତ ହେଉଥିବା ସମୟରେ ଏହି ଘଟଣା ଘଟିଥିଲା । ଏହି ଅଗ୍ନିକାଣ୍ଡରେ ୧୫ ଜଣ ପୋଡି ହୋଇଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି । ଗମ୍ଭୀର ଆହତଙ୍କ ଚିକିତ୍ସା ପାଇଁ ଫରିଦକୋଟ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବାକି ସମସ୍ତଙ୍କୁ ବର୍ଣ୍ଣାଲା ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

## ଆଫଗାନିସ୍ତାନରେ ଭୂକମ୍ପ ଝଟକା, ତୀବ୍ରତା ୪.୨



ଆଫଗାନିସ୍ତାନ: ଆଫଗାନିସ୍ତାନରେ ୪.୨ ତୀବ୍ରତାର ଭୂକମ୍ପ ଝଟକା । ଭୂକମ୍ପ ଝଟକା ଅନୁଭୂତ ହେବା ପରେ ଲୋକମାନେ ଘରୁ ଭୟଭୀତ ହୋଇ ଦୌଡି ପଳାଇ ଆସିଥିଲେ । ତେବେ ଭୂକମ୍ପ ଯୋଗୁଁ କିଛି କ୍ଷୟକ୍ଷତି ହୋଇଥିବା ଖବର ମିଳିନାହିଁ । ନ୍ୟାସନାଲ ସେଣ୍ଟର ଫର ସେସ୍ମୋଲୋଜି ଅନୁସାରେ, ଭୂକମ୍ପ ଅପରାହ୍ନ ୧୨ଟା ୨୦ ମିନିଟ ସମୟରେ ହୋଇଛି । ଏହାର କେନ୍ଦ୍ରସ୍ଥଳ ୪୭ କିମି ଗଭୀରତାରେ ରହିଛି । ସୂଚନାଯୋଗ୍ୟ, ଗତ ୨ ତାରିଖରେ ଆଫଗାନିସ୍ତାନରେ ୫.୫ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ୮୭ କିମି ରହିଥିଲା । ପାକିସ୍ତାନରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପର ତୀବ୍ରତା ୪.୮ ରହିଥିଲା । ଯାହାର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ରହିଥିଲା । ଏହି ଭୂକମ୍ପ ଖାଇବର ପଖତୁନଖ୍ୱା, ପଞ୍ଜାବ ଏବଂ ଇସଲାମାବାଦ ଅଞ୍ଚଳକୁ ପ୍ରଭାବିତ କରିଥିଲା ।

## ଅଲଗା ଜାତିରେ ବାହା ହୋଇଥିବାରୁ ଝିଅ ସାମ୍ନାରେ ଜ୍ୱାଇଁଙ୍କୁ କଲେ ହତ୍ୟା



ପାଟନା : ଝିଅ ମଥାର ସିନ୍ଦୂରକୁ ନିଜେ ପୋଛି ଦେଇଛନ୍ତି ବାପା। ଝିଅ ସାମ୍ନାରେ ଜ୍ୱାଇଁଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ବାପା କରିଛନ୍ତି ହତ୍ୟା। ହସ୍ପିଟାଲ ଭିତରେ ୨୫ ବର୍ଷୀୟ ନର୍ସିଂ ଛାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ବିହାରର ଦରଭଙ୍ଗାରୁ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ଶ୍ୱଶୁରଙ୍କ ଗୁଳିରେ ପ୍ରାଣ ହରାଇଥିବା ୨୫ ବର୍ଷୀୟ ଯୁବକ ଜଣଙ୍କ ହେଲେ ରାହୁଲ କୁମାର। ସେ ଦରଭଙ୍ଗା ମେଡିକାଲ କଲେଜ ଓ ହସ୍ପିଟାଲର ବିଏସ୍‌ସି(ନର୍ସିଂ)ର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ନବବିବାହିତ ପତ୍ନୀ ତନୁ ପ୍ରିୟାଙ୍କ ସାମ୍ନାରେ ରାହୁଲଙ୍କୁ ଅତ୍ୟନ୍ତ ନିକଟରୁ ଗୁଳି କରି ହତ୍ୟା କରାଯାଇଛି। ତନୁ ପ୍ରିୟା ପ୍ରଥମ ବର୍ଷର ନର୍ସିଂ ଛାତ୍ରୀ। ତନୁ ଓ ରାହୁଲଙ୍କ ଜାତି ଅଲଗା ହୋଇଥିବା ବେଳେ ଉଭୟ ପରିବାର ଲୋକଙ୍କ ବିରୋଧରେ ଯାଇ ପ୍ରେମ ବିବାହ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ତନୁ ପ୍ରିୟାଙ୍କ ବାପା ସର୍ବସମ୍ମୁଖରେ ରାହୁଲଙ୍କୁ ଗୁଳି କରି ମାରି ଦେଇଛନ୍ତି। ତନୁଙ୍କ ବାପା ପ୍ରେମ ଶଙ୍କର ଝା ହସ୍ପିଟାଲ ଭିତରେ ପଶି ରାହୁଲଙ୍କୁ ଗୁଳି କରିଥିଲେ। ଘଟଣା ପରେ ରାହୁଲଙ୍କ ସାଙ୍ଗମାନେ ପ୍ରେମ ଶଙ୍କର ଝାଙ୍କୁ ପ୍ରବଳ ପିଟିଛନ୍ତି। ଏଥିପାଇଁ ତାଙ୍କ ଅବସ୍ଥା ମଧ ସଙ୍କଟାପନ୍ନ ରହିଛି। ଏବେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ପାଟନା ସ୍ଥାନାନ୍ତର କରାଯାଇଛି। ରାହୁଲ ଓ ତନୁ ପରସ୍ପରକୁ ୪ ମାସ ତଳେ ପ୍ରେମ ବିବାହ କରିଥିଲେ। ବାହାଘର ପରେ ଉଭୟ କଲେଜ ହଷ୍ଟେଲର ଗୋଟିଏ ଫ୍ଲୋରରେ ରହୁଥିଲେ। ଘଟଣାରେ ପୂରା ଡରି ଯାଇଥିବା ତନୁ କହିଛନ୍ତି ଯେ ପ୍ରଥମେ ହୁଡି ପିନ୍ଧି ଜଣେ ବ୍ୟକ୍ତି ରାହୁଲଙ୍କ ପାଖକୁ ଆସିଥିଲେ। ପରବର୍ତ୍ତୀ ଅବସ୍ଥାରେ ବ୍ୟକ୍ତି ଜଣଙ୍କ ତାଙ୍କ ବାପା ବୋଲି ସେ ଜାଣିବାକୁ ପାଇଥିଲେ। ସେ କହିଛନ୍ତି, "ତାଙ୍କ ପାଖରେ ବନ୍ଧୁକ ଥିଲା। ସେହି ବ୍ୟକ୍ତି ଜଣଙ୍କ ମୋ ବାପା ପ୍ରେମ ଶଙ୍କର ଝା ରହିଥିଲେ। ସେ ମୋ ସ୍ୱାମୀଙ୍କ ଛାତିକୁ ମୋ ଆଖି ସାମ୍ନାରେ ଗୁଳି କରିଥିଲେ। ମୋ କୋଳରେ ମୋ ସ୍ୱାମୀ ଟଳି ପଡ଼ିଥିଲେ। ମୋ ବାପା ହିଁ ରାହୁଲଙ୍କୁ ଗୁଳି କରିଛନ୍ତି। କିନ୍ତୁ ପୂରା ପରିବାର ଏହି ଷଡ଼ଯନ୍ତ୍ରରେ ସାମିଲ ରହିଛନ୍ତି। ଆମେ କୋର୍ଟ ଯାଇ ମୋ ବାପା ଓ ଭାଇଙ୍କ ବିରୋଧରେ ଅଭିଯୋଗ ମଧ କରିଥିଲୁ। ଏବେ ମୋ ବାପା ସତକୁ ସତ ରାହୁଲଙ୍କୁ ମାରିଦେଲେ।" ଗୁଳି ମାଡ଼ ପରେ ରାହୁଲଙ୍କ ସାଙ୍ଗ ଓ ହଷ୍ଟେଲରେ ଉପସ୍ଥିତ ଥିବା ପିଲାମାନେ ମିଳିତ ଭାବେ ପ୍ରେମ ଶଙ୍କର ଝାଙ୍କୁ ପ୍ରବଳ ପିଟିଥିଲେ। ଏଥିପାଇଁ ତାଙ୍କୁ ପାଟନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାହୁଲଙ୍କ ପାଇଁ ନ୍ୟାୟ ଦାବି କରି ହଷ୍ଟେଲ ଓ ହସ୍ପିଟାଲରେ ପ୍ରବଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦରଭଙ୍ଗା ଜିଲ୍ଲା ମାଜିଷ୍ଟ୍ରେଟ କୌଶଲ କୁମାର ଓ ଏସ୍‌ପି ଜଗନାଥ ରେଡ୍ଡୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବିପୁଳ ସଂଖ୍ୟାରେ ପୁଲିସ୍‌କୁ ମୁତୟନ କରାଯାଇଛି।

# ୭ ବର୍ଷ ପରେ ଚୀନ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନ ଓ ଜାପାନ ଗସ୍ତରେ ଯିବେ । ଜାପାନ ଗସ୍ତ ଦ୍ୱିପାକ୍ଷିକ ସଂପର୍କକୁ ମଜବୁତ କରିବା ମୁଖ୍ୟ ଉଦ୍ଦେଶ୍ୟ । ୭ ବର୍ଷ ପରେ ଚୀନ ଯିବେ ମୋଦି । ପ୍ରଧାନମନ୍ତ୍ରୀ ମୋଦି ଚୀନରେ ଶିଖର ସମ୍ମେଳନ ବୈଠକରେ ସାମିଲ ହେବେ । ପ୍ରଧାନମନ୍ତ୍ରୀ ମୋଦି ୩୦ ଅଗଷ୍ଟରେ ଜାପାନ ଗସ୍ତ କରିବେ । ଜାପାନୀ ପ୍ରଧାନମନ୍ତ୍ରୀ ଫୁମିଓ କିଶଦା ସହିତ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମେଳନରେ ଭାଗ ନେବେ । ଏହି ବୈଠକରେ ଦୁଇ ଦେଶ ମଧ୍ୟରେ ରାଜନୈତିକ, ଆର୍ଥିକ ଏବଂ ଟେକ୍ନିକାଲ ସଂପର୍କକୁ ଆଗକୁ ବଢାଇବା ପାଇଁ ଚର୍ଚ୍ଚା ହେବ ।



ଏହାପରେ ପ୍ରଧାନମନ୍ତ୍ରୀ ମୋଦି ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ମଧ୍ୟରେ ହେବାକୁ ଥିବା ଶିଖର ସମ୍ମେଳନରେ ଯୋଗ ଦେବେ । ୨୦୧୯ ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଚୀନ ଯାତ୍ରା କରିବେ । ଶିଖର ସମ୍ମେଳନରେ ସୁରକ୍ଷା, ଆତଙ୍କବାଦ, ବ୍ୟାପାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଚର୍ଚ୍ଚା ହେବ । ବାଣିଜ୍ୟ, ରାଷ୍ଟ୍ରୀୟ ସୀମା ଏବଂ ଦେଶ ସୁରକ୍ଷା ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଏସସିଓ ମେମ୍ବରମାନେ ଆଲୋଚନା କରିବେ । ଏଭଳିସ୍ଥିତିରେ ମୋଦିଙ୍କ ଚାଇନା ଗସ୍ତ ଲୋକଙ୍କ ମନରେ ଅନେକ ଆଶା, ଆଶଙ୍କା ସୃଷ୍ଟି କରୁଛି । ୨୦୨୪ରେ କାଜାନଠାରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ଓ ମୋଦିଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା ।

## ଦଶମ ପାସ୍ କରିଥିଲେ ପୋଷ୍ଟ ଅଫିସ୍‌ରେ ଚାକିରି

ନୂଆଦିଲ୍ଲୀ : ପୋଷ୍ଟ ଅଫିସ୍‌ରେ ଚାକିରି କରିବାକୁ ଚାହୁଁଥିଲେ, ଆପଣଙ୍କ ପାଇଁ ଏହି ଖବର । ମାଟ୍ରିକ ପାସ୍ ଆଶାୟୀଙ୍କ ପାଇଁ ଏବେ ପୋଷ୍ଟ ଅଫିସ୍‌ରେ ପଦବୀ ସୃଷ୍ଟି ହୋଇଛି । ଆଗ୍ରହୀ ପ୍ରାର୍ଥୀମାନେ ଅଫଲାଇନ୍ ବା ପୋଷ୍ଟ ମାଧ୍ୟମରେ ଆବେଦନ କରି ପାରିବେ । ଆବେଦନ କରିବା ପୂର୍ବରୁ ପୋଷ୍ଟ ବିଷୟରେ ସମସ୍ତ ସୂଚନା ପ୍ରାପ୍ତ କରିବା ନିତାନ୍ତ ଆବଶ୍ୟକ । ଯୋଗ୍ୟତା, ଦରମା, ବୟସ ସୀମା, ଆବେଦନ ଶୁଳ୍କ, ଚୟନ ପ୍ରକ୍ରିୟା ଜାଣିବା ଜରୁରୀ ।

# ଧରାଳିରେ ଭୟଙ୍କର ବିପର୍ଯ୍ୟୟ: କେରଳର ୨୮ ନିଖୋଜ ୫ ମୃତ



ଉତ୍ତରାଖଣ୍ଡ :ମଙ୍ଗଳବାର ଉତ୍ତରାଖଣ୍ଡର ଉତ୍ତରକାଶୀରେ ମେଘଫଟା ବର୍ଷା ଯୋଗୁଁ ଭୟଙ୍କର ଭୂସ୍ଖଳନ ଘଟିଛି । ସେହି ଘଟଣାରେ କେରଳର ୨୮ ଜଣ ପର୍ଯ୍ୟଟକ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି । ଯାହାର ସୂଚନା କେରଳରେ ରହୁଥିବା ପର୍ଯ୍ୟଟକଙ୍କ ପରିବାର ସଦସ୍ୟ ଦେଇଛନ୍ତି । କେରଳର ୨୮ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ୨୦ ଜଣ ମହାରାଷ୍ଟ୍ରରେ ରହୁଥିବାବେଳେ ଆଉ ୮ଜଣ କେରଳର ବିଭିନ୍ନ ଜିଲ୍ଲାରେ ବସବାସ କରୁଥିବା ଜଣାପଡିଛି । ସୂଚନାନୁଯାୟୀ, ସକାଳ ପ୍ରାୟ ୮.୩୦ଟା ସମୟରେ ପର୍ଯ୍ୟଟକମାନେ ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଯାଉଥିଲେ । ସେହି ସମୟରେ ରାସ୍ତାରେ ଭୂସ୍ଖଳନ ହୋଇଥିଲା । ଯାହା ଫଳରେ ଯୋଗାଯୋଗ ପରିବାର ସଦସ୍ୟଙ୍କ ସହ ହୋଇପାରିନଥିଲା । ହରିଦ୍ୱାରର ଏକ ଟ୍ରାଭେଲ୍ ଏଜେନ୍ସି ୧୦ ଦିନିଆ ଉତ୍ତରାଖଣ୍ଡ ଯାତ୍ରାର ଆୟୋଜନ କରିଥିଲା। ଟ୍ରାଭେଲ୍ ଏଜେନ୍ସି ମଧ ଦଳ ବିଷୟରେ କୌଣସି ସୂଚନା ଦେଇପାରୁନାହିଁ । ବର୍ତ୍ତମାନ ମଧ ଯୋଗାଯୋଗ ପାଇଁ ସେହି ଅଞ୍ଚଳରେ କୌଣସି ମୋବାଇଲ୍ ନେଟୱାର୍କ ନାହିଁ ।' ସେହି ଦିନରେ ଉତ୍ତରକାଶୀ ଧରାଳିରେ ମଧ ବିପର୍ଯ୍ୟୟ ଯୋଗୁଁ ୫ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି । ଅନ୍ୟପଟେ ଅଗଷ୍ଟ ୬ ବୁଧବାର ଅର୍ଥାତ୍ ଆଜି ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ସୂଚନା ଦେଇଛନ୍ତି । ଏପର୍ଯ୍ୟନ୍ତ ୧୯୦ ଜଣଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ଏହାରି ମଧ୍ୟରେ ମୋଯି ସମସ୍ତ ପ୍ରକାର ସହାୟତା ଯୋଗାଇବାର ପ୍ରତିଶ୍ରୁତି ଦେଇଛନ୍ତି ।

## ବରନାଲା ମନ୍ଦିର ରୋଷେଇ ଘରେ ଭୟଙ୍କର ଅଗ୍ନିକାଣ୍ଡ, ୧୫ ଜଣ ଗୁରୁତର

ପଞ୍ଜାବ: ପଞ୍ଜାବର ବରନାଲା ଜିଲ୍ଲାର ଏକ ମନ୍ଦିରର ରୋଷେଇ ଘରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଛି । ଏକ ବଡ଼ ଚୁଲିରେ ଡିଜେଲ ଢାଳିବା ସମୟରେ ବଡ ଧରଣର ନିଆଁ ଲାଗିଯାଇଥିଲା । ଯେଉଁଥିରେ ୧୫ ଜଣ ପୋଡ଼ି ହୋଇଯାଇଛନ୍ତି । ପୋଲିସ କହିଛି ଯେ, ୧୫ ଜଣଙ୍କ ମଧ୍ୟରୁ ୬ ଜଣ ୭୦-୮୦ ପ୍ରତିଶତ ପୋଡ଼ି ଯାଇଥିଲେ । ସେମାନଙ୍କୁ ତୁରନ୍ତ ଫରିଦକୋଟ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅନ୍ୟମାନଙ୍କୁ ସ୍ଥାନୀୟ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବରନାଲାର ଧନୌଲାର ଏକ ମନ୍ଦିରରେ ଭକ୍ତମାନଙ୍କ ପାଇଁ ଲଙ୍ଗର ପ୍ରସ୍ତୁତ ହେଉଥିବା ସମୟରେ ଏହି ଘଟଣା ଘଟିଥିଲା । ଏକ ବଡ଼ ଚୁଲିରେ ଡିଜେଲ ଢାଳିବା ସମୟରେ ବଡ ଧରଣର ନିଆଁ ଲାଗିଯାଇଥିଲା । ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ, ରୋଷେୟା ଚୁଲିରେ ଡିଜେଲ ଢାଳିବା ସମୟରେ ରୋଷେଇ ଘରେ ହଠାତ୍ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା । ସୂଚନାଯୋଗ୍ୟ, ଜୁଲାଇ ମାସରେ ପଞ୍ଜାବର ବରନାଲାରେ ଏକ ଦୁଃଖଦ ଘଟଣା ଘଟିଥିଲା । ଘରେ ନିଆଁ ଲାଗି ସ୍ୱାମୀ ଏବଂ ସ୍ତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ଉଭୟଙ୍କ ମୃତ୍ୟୁ ପରେ ଗାଁରେ ଶୋକ ଖେଳିଯାଇଥିଲା ।




# ସୁଧ ହାର ଅପରିବର୍ତ୍ତିତ ରଖିଲା ଆରବିଆଇ

ନୂଆଦିଲ୍ଲୀ : ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ବା ଆରବିଆଇ ପକ୍ଷରୁ ସୁଧ ହାର ବା ରିପୋ ରେଟକୁ ୫.୫%ରେ ଅପରିବର୍ତ୍ତିତ ରଖାଯାଇଛି। ଦୁଇ ମାସିଆ ମନିଟାରୀ ପଲିସି କମିଟି (ଏମପିସି) ବୈଠକରେ ଆରବିଆଇ ଏପରି ନିଷ୍ପତ୍ତି ନେଇଛି। ୩ ଦିନ ଧରି ଚାଲି ଥିବା ବୈଠକ ପରେ ରେପୋ ରେଟକୁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ହୋଇଥିବା ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସୂଚନା ଦେଇଛନ୍ତି। ସେହିପରି ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଓ ଆମେରିକା ବୃଦ୍ଧି କରିଥିବା ଟାରିଫ ପ୍ରସଙ୍ଗରେ ଆରିବିଆଇର ଆଭିମୁଖ୍ୟ ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ଦାୟିତ୍ୱ ନେବା ପରେ ୪ର୍ଥ ଥର ପାଇଁ ଗଭର୍ଣ୍ଣର ମାଲହୋତ୍ରା ମନିଟାରୀ ନୀତି ଉପରେ ଦେଶବାସୀଙ୍କୁ ଅବଗତ କରାଇଛନ୍ତି। ନିଜର ଭାଷଣରେ ସେ ଭାରତର ଅର୍ଥନୀତି ଏବେ କେଉଁଠି ରହିଛି ଓ ଗ୍ଲୋବାଲ ଟ୍ରେଡ ଟକ୍କାରି ଟକ୍କରିର ପ୍ରଭାବ ଭାରତର ଅର୍ଥନୀତି ଉପରେ କେଉଁ ପ୍ରକାରର ପ୍ରଭାବ ପକାଇବ, ସେକଥା କହିଛନ୍ତି।



ଗଭର୍ଣ୍ଣର ମାଲହୋତ୍ରା ନିଶ୍ଚିତ କରିଛନ୍ତି ଯେ ଏମପିସି ସର୍ବସମ୍ମତିକ୍ରମେ ସୁଧ ହାରକୁ ୫.୫%ରେ ସ୍ଥିର ରଖିବାକୁ ନିଷ୍ପତ୍ତି ନେଇଛି। ସେହିପରି ଷ୍ଟାଣ୍ଡିଂ ଜମା ସୁବିଧା ୫.୨୫% ଓ ମାର୍ଜିନାଲ ଷ୍ଟାଣ୍ଡିଂ ବ୍ୟବସ୍ଥା ଓ ବ୍ୟାଙ୍କ ରେଟକୁ ମଧ ୫.୭୫%ରେ ଅପରିବର୍ତ୍ତିତ ରଖାଯାଇଛି। କମିଟି ନିୟମିତ ଭାବେ ନୂଆ ତଥ୍ୟ ସହ ଘରୋଇ ଓ ବିଶ୍ୱ ସ୍ତରୀୟ ସ୍ଥିତିରେ ହେଉଥିବା ପରିବର୍ତ୍ତନ ଉପରେ ନଜର ରଖିଛି। ସ୍ଥିତିକୁ ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ବିଶ୍ୱରେ ଚାଲିଥିବା ବ୍ୟବସାୟିକ ତିକ୍ତତା ସମ୍ପର୍କରେ ମଧ ଆରବିଆଇର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି ଗଭର୍ଣ୍ଣର ମାଲହୋତ୍ରା। ସେ କହିଛନ୍ତି ଯେ ବର୍ତ୍ତମାନ ଚାଲିଥିବା ଟାରିଫ ଘୋଷଣା ଓ ବାଣିଜ୍ୟ ବୁଝାମଣା ଯୋଗୁ ବାହ୍ୟ ଚାହିଦାର ସ୍ଥିତି ସସପେନ୍ସ ମଧ୍ୟରେ ରହିଛି। ଭାରତର ଘରୋଇ ଅର୍ଥନୀତିରେ ଅଭିବୃଦ୍ଧି ହେଉଥିବା ବେଳେ ବିଶ୍ୱ ସ୍ତରୀୟ ବାଣିଜ୍ୟ ଟାରିଫ ଯୋଗୁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଏହି ଦ୍ୱନ୍ଦ୍ୱ ମଧ୍ୟରେ ବି ଭାରତର ଜିଡିପି ଅଭିବୃଦ୍ଧି ହାର ୨୦୨୫-୨୬ରେ ୬.୫% ରହିବ ବୋଲି ଆରବିଆଇ ଆକଳନ କରିଛି। ପ୍ରଥମ କ୍ୱାର୍ଟରରେ ଏହା ୬.୫%, ଦ୍ୱିତୀୟ କ୍ୱାର୍ଟରରେ ୬.୭%, ତୃତୀୟ କ୍ୱାର୍ଟରରେ ୬.୬% ଓ ୪ର୍ଥ କ୍ୱାର୍ଟରେ ଅଭିବୃଦ୍ଧି ହାର ୬.୩% ରହିବ ବୋଲି ଆରବିଆଇ କହିଛି। ଏଥିସହ ୨୦୨୬-୨୭ର ପ୍ରଥମ କ୍ୱାର୍ଟରରେ ଜିଡିପି ୬.୬% ରହିପାରେ ବୋଲି ମାଲହୋତ୍ରା ପୂର୍ବାନୁମାନ କରିଛନ୍ତି। ତାଙ୍କ କହିବା କଥା ଯେ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ଼ ନିୟନ୍ତ୍ରଣ ମଧ୍ୟରେ ରହିଛି। କିନ୍ତୁ ଖାଦ୍ୟର ଦର ସାମାନ୍ୟ ଚିନ୍ତା ଜନକ। ବିଶେଷ କରି ସବୁଜ ପନି ପରିବା ଦର ବୃଦ୍ଧି ପାଇବା ଚିନ୍ତାର ବିଷୟ। ତଥାପି ମୂଳ ମୁଦ୍ରାସ୍ଫୀତି ପ୍ରାୟ ୪%ର ଆଖପାଖରେ ଅଛି। ଶେଷ କ୍ୱାର୍ଟରରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ଆଶଙ୍କା ରହିଛି।

## ଆମେରିକା ଏରିଜୋନାରେ ଏୟାର ଆମ୍ବୁଲାନ୍ସ କ୍ରାସ୍, ୪ ମୃତ

ଆମେରିକା, ୬/୮ : ଆମେରିକାରେ ପୁଣି ଏକ ବିମାନ ଦୁର୍ଘଟଣା । ଚିକିତ୍ସା ପରିବହନ ବିମାନ ଏରିଜୋନାରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ ବିମାନରେ ନିଆଁ ଲାଗିଯାଇଛି । ଫଳରେ ୪ ଜଣଙ୍କ ଜୀବନ ଚାଲିଯାଇଛି । ନ୍ୟୁ ମେକ୍ସିକୋର ଅଲ୍ବୁକର୍କ ସ୍ଥିତ ସିଏଆଇ ଆଭିଏସନ କମ୍ପାନୀର ବିମାନ ଚିନଲେ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନରେ ଥିବା ସମସ୍ତ ବ୍ୟକ୍ତି ଚିକିତ୍ସା କର୍ମଚାରୀ ଥିଲେ । ଏମାନେ ରୋଗୀ ଆଣିବା ପାଇଁ ଯାଉଥିଲେ । ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ବିମାନଟି ଅବତରଣ ସମୟରେ ଦୁର୍ଘଟଣାର ଶିକାର ହୋଇଥିଲା । ଏନେଇ ରାଷ୍ଟ୍ରୀୟ ପରିବହନ ସୁରକ୍ଷା ବୋର୍ଡ ଏବଂ ଏଫଏଏ ଯାଞ୍ଚ କରୁଛି । ଦୁର୍ଘଟଣାର କାରଣ ଏଯାଏଁ ଜଣାପଡିନାହିଁ । ନଭାଜୋର ଜନଜାତିର ଅଧକ୍ଷ ବୁଓ ନ୍ୟୁଗ୍ରେନ ନିଜ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ଦୁର୍ଘଟଣା ବିଷୟରେ ଜାଣି ବହୁତ କଷ୍ଟ ଲାଗିଲା । ଏମାନେ ଅନ୍ୟର ଜୀବନ ବଞ୍ଚାଇବାକୁ ଯାଉଥିବା ବେଳେ ନିଜ ଜୀବନକୁ ସମର୍ପିତ କରିଦେଇଛନ୍ତି । ସୂଚନାଯୋଗ୍ୟ, ଏହାପୂର୍ବରୁ ଜାନୁଆରୀରେ ଫିଲାଡେଲ୍ଫିଆରେ ଏକ ଚିକିତ୍ସା ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୮ ଜଣଙ୍କ ଜୀବନ ଚାଲିଯାଇଥିଲା । ନିକଟରେ ଆମେରିକାର ନର୍ଥ କେରୋଲିନାରେ ଓକ୍ ଆଇଲାଣ୍ଡ ନିକଟରେ ଏକ ବିମାନ ସମୁଦ୍ରରେ କ୍ରାସ ହୋଇଥିଲା ।



## ଚଳନ୍ତା ବସରେ ଯୁବତୀଙ୍କ ମୃତ୍ୟୁ

ବ୍ରାଜିଲ : ବ୍ରାଜିଲର ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଯେଉଁଥିରେ ଜଣେ ଯୁବତୀଙ୍କ ମୃତ୍ୟୁକୁ ନେଇ ଆଶ୍ଚର୍ଯ୍ୟ ହେଲେ ଅଧିକାରୀ । ଅଭିଯୋଗ ଅନୁଯାୟୀ, ଏକ ସାଧାରଣ ବସରେ ଯାତ୍ରା କରୁଥିବା ଯୁବତୀ ଜଣକ ହଠାତ୍ ଅଚେତ୍ ହୋଇ ତଳେ ପଡ଼ିଗଲେ । ଏଥି ସହ କିଛି ସମୟ ପରେ ଯୁବତୀଙ୍କ ମୃତ୍ୟୁ ଘଟିଥିଲା । କିନ୍ତୁ ଏହା ପରେ ଯାହା ଘଟିଥିଲା ତାହା ଆହୁରି ରହସ୍ୟମୟ ଥିଲା । ମୃତ୍ୟୁ ପରେ ଯେତେବେଳେ ଯୁବତୀଙ୍କ ଶରୀର ଯାଞ୍ଚ କରାଯାଇଥିଲା, ସେତେବେଳେ ତାଙ୍କ ଶରୀରରେ ପ୍ରାୟ ଦୁଇ ଡଜନ୍ ଆଇଫୋନ୍ ଲାଗିଥିବା ଦେଖିବାକୁ ମିଳିଥିଲା । ଯୁବତୀ ଜଣକ ମୋବାଇଲ୍ ଫୋନ୍‌ଗୁଡିକୁ ତାଙ୍କ ଶରୀରରେ ଲାଗାଇଥିଲେ, ଯାହାକୁ ଦେଖି ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଏକ ସ୍ଥାନୀୟ ରିପୋର୍ଟ ଅନୁଯାୟୀ, ଘଟଣାଟି ଜୁଲାଇ ୨୯ ତାରିଖରେ ଘଟିଥିଲା । ବ୍ରାଜିଲର ଗୁଆରାପୁଆଭା ସହରସ୍ଥିତ ଏକ ରେଷ୍ଟୁରାଣ୍ଟ ନିକଟରେ ବସ୍ ଅଟକିଯିବାରୁ ଝିଅଟିର ମୃତ୍ୟୁ ହୋଇଥିଲା । ବସ୍ ଭିତରେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ହଠାତ୍ ଖରାପ୍ ହୋଇଯାଇଥିଲା, ଯାହା ପରେ ଜରୁରୀକାଳୀନ ସାହାଯ୍ୟ ନିଆଯାଇଥିଲା । କିନ୍ତୁ ଝିଅଟି ନିଶ୍ୱାସ୍ ନେବାରେ କଷ୍ଟ ଅନୁଭବ କରିବା ଆରମ୍ଭ କରିଥିଲା, ଯାହା ପରେ ତାକୁ କେହି ବଞ୍ଚାଇପାରିଲେ ନାହିଁ । ଏଥି ସହ ଝିଅଟି ହୃଦଘାତର ଶିକାର ହୋଇଥିବା ଜଣାପଡ଼ିଛି । ଆପଣମାନେ ଜଗାଣିରଖନ୍ତୁ ଯେ, ମୃତ୍ୟୁ ପରେ ଯେତେବଳେ ଶରୀର ଯାଞ୍ଚ କରାଯାଇଥିଲା, ଡାକ୍ତାମାନେ ମହିଳାଙ୍କ ଶରୀରରେ ଅନେକ ପ୍ୟାକେଟ୍ ଲିଗିଥିବା ପାଇଥିଲେ । ଏଥି ସହ ଏହି ପ୍ୟାକେଟଗୁଡ଼ିକୁ ଖୋଲିଥିଲେ ଏବଂ ସେହି ପ୍ୟାକେଟ୍ ଭିତରୁ ମିଳିଥିଲା ୨୬ଟି ଆଇଫୋନ୍ । ଏହା ସହିତ ଝିଅଟିର ନିଜିଷପତ୍ର ମଧ୍ୟରୁ ଅନେକ ମଦ ବୋତଲ ମଧ୍ୟ ମିଳିଥିଲା । ହେଲେ, ଝିଅଟିର ପରିଚୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । ଅଧିକାରୀମାନେ ସନ୍ଦେହ କରୁଛନ୍ତି ଯେ ଝିଅଟି ଏହି ମୋବାଇଲ୍ ଫୋନ୍ ଚୋରା ଚାଲାଣ କରୁଥିଲା । ବର୍ତ୍ତମାନ, ଝିଅଟିର ଜିନିଷପତ୍ର ଫରେନସିକ୍ ତଦନ୍ତ କରାଯାଉଛି ।

# ଆଜି ଯୁଦ୍ଧବିରତି ଉପରେ ରୁଷ-ଆମେରିକା ଆଲୋଚନା

ନୂଆଦିଲ୍ଲୀ ୬/୮ : ୟୁକ୍ରେନ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ । ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ମଙ୍ଗଳବାର ଦିନ କହିଛନ୍ତି ଯେ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଯୁଦ୍ଧବିରତି, ରୁଷ ଉପରେ କଟକଣା ଏବଂ ଆମେରିକା-ୟୁକ୍ରେନ ଡ୍ରୋନ ଚୁକ୍ତିକୁ ଚୂଡ଼ାନ୍ତ କରିବା ବିଷୟରେ ଆଲୋଚନା କରିଛନ୍ତି । ଦୁଇ ନେତା ଏପରି ସମୟରେ କଥା ହୋଇଛନ୍ତି ଯେତେବେଳେ ୟୁକ୍ରେନରେ ଶାନ୍ତି ପାଇଁ ଟ୍ରମ୍ପଙ୍କ ଅଗଷ୍ଟ ୮ ତାରିଖର ସମୟସୀମା ନିକଟତର । ଏହି ସମୟରେ, ସୂଚନା ମଧ ମିଳିଛି ଯେ ରୁଷ ରାଷ୍ଟ୍ରପତି ପୁଟିନ ଟ୍ରମ୍ପଙ୍କ



ଚରମବାଣୀ ଆଗରେ ମୁଣ୍ଡ ନୁଆଁଇବା ମନୋଭାବରେ ନାହାନ୍ତି ଯେଉଁଠାରେ ସେ ତାଙ୍କର ଲକ୍ଷ୍ୟ ସ୍ଥିର କରିଛନ୍ତି । ଏଥି ସହ ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନ୍ସ୍କି ଏକ ଡ ପୋଷ୍ଟରେ କହିଛନ୍ତି, "ରାଷ୍ଟ୍ରପତି ଟ୍ରମ୍ପ କିଭ୍ ଏବଂ ଅନ୍ୟାନ୍ୟ ସହର ଏବଂ ସମ୍ପ୍ରଦାୟ ଉପରେ ରୁଷର ଆକ୍ରମଣ ବିଷୟରେ ସମ୍ପୂର୍ଣ୍ଣ ଅବଗତ ।" ସେ ଏହା ମଧ କହିଛନ୍ତି ଯେ ଟ୍ରମ୍ପ ଗତ କିଛି ସପ୍ତାହରେ ଭ୍ଲାଦିମିର ପୁଟିନଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ରୁଷ ରାଷ୍ଟ୍ରପତିଙ୍କୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ସମୟସୀମା ଦେଇଛନ୍ତି, ଯାହା ବିଫଳ ହେଲେ ତାଙ୍କୁ କଠୋର ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିବ। "ଉଦାହରଣ ସ୍ୱରୂପ, ଆମେରିକାର ଦୂତ ଷ୍ଟିଭ୍ ୱିଟକଫ ଆଜି ବୁଧବାର ମସ୍କୋରେ ରୁଷ ନେତୃତ୍ୱଙ୍କୁ ଯୁଦ୍ଧବିରତି ସମ୍ପର୍କରେ ଭେଟିବେ ।"

# ବିସିସିଆଇରେ ଚଳିବନି ମେଗା ଷ୍ଟାର କଲଚର

ନୂଆଦିଲ୍ଲୀ,୬।୮ : ସରିଛି ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ ସିରିଜ । ୨-୨ ରେ ସିରିଜ ବରାବର କରି ଦଳର ଇଜ୍ଜତ ବଞ୍ଚାଇଛି ଟିମ୍। ବୁମରାହଙ୍କ ବିନା କାମଲ କରିଛନ୍ତି ଭାରତୀୟ ବୋଲର । କିନ୍ତୁ ଏବେ ଜସପ୍ରିତ ବୁମରାହଙ୍କୁ ନେଇ ଆସିଛି ବଡ଼ ଖବର । ରିପୋର୍ଟ ଅନୁଯାୟୀ ଏବେ ଟିମ୍ ଇଣ୍ଡିଆର କୌଣସି ଖେଳାଳିଙ୍କୁ ମ୍ୟାଚ୍ ବାଛିବାକୁ ଅନୁମତି ଦିଆଯିବନାହିଁ। ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏ ସମ୍ପର୍କରେ ନିଷ୍ପତ୍ତି ନେଇଛନ୍ତି ।

ଉଭୟ ବିଶ୍ୱାସ କରନ୍ତି ଯେ ଦଳରେ ମେଗା ଷ୍ଟାର କଲଚର୍ କାମ କରିବ ନାହିଁ। ପ୍ରତ୍ୟେକ ଖେଳାଳିଙ୍କୁ ପ୍ରତ୍ୟେକ ବଡ଼ ମ୍ୟାଚ୍ ପାଇଁ ଉପଲବ୍ଧ ହେବାକୁ ପଡିବ। ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, 'ଏହା ଉପରେ ଆଲୋଚନା କରାଯାଇଛି। କେନ୍ଦ୍ରୀୟ ଚୁକ୍ତିନାମାରେ ସାମିଲ ଖେଳାଳିଙ୍କୁ କୁହାଯାଇଛି ଯେ ସେମାନେ ସେମାନଙ୍କ ଇଚ୍ଛା ଅନୁଯାୟୀ ମ୍ୟାଚ୍ ବାଛିପାରିବେ ନାହିଁ।

ଜସପ୍ରିତ ବୁମରାହଙ୍କ ପାଞ୍ଚଟି ଟେଷ୍ଟରେ ନ ଖେଳିବା ନିଷ୍ପତ୍ତିରେ ବିସିସିଆଇ ଖୁସି ନୁହେଁ ବୋଲି ଅନୁମାନ କରାଯାଉଛି । ଏହା ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସଲେନ୍ସରେ କାର୍ଯ୍ୟ କରୁଥିବା ଦଳ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି। ରିପୋର୍ଟ ଅନୁଯାୟୀ, ବିସିସିଆଇର ଜଣେ



ବରିଷ୍ଠ ଅଧିକାରୀ କହିଛନ୍ତି।

ଏହା ନୁହେଁ ଯେ ଖେଳାଳିଙ୍କ କାର୍ଯ୍ୟଭାରକୁ ବିଚାରକୁ ନିଆଯିବ ନାହିଁ। ଦ୍ରୁତ ବୋଲରଙ୍କ କାର୍ଯ୍ୟଭାର ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଖେଳାଳିମାନେ ଏହାର ଆଳରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରୁ ବାହାରେ ରହିପାରିବେ ନାହିଁ।ଆପଣଙ୍କୁ କହି ରଖୁଛୁ ଯେ ଜସପ୍ରିତ ବୁମରାହ ଇଂଲଣ୍ଡ ଗସ୍ତରେ କେବଳ ୩ଟି ଟେଷ୍ଟ ଖେଳିଥିଲେ ଯ ସେ ଦୁଇଟି ଟେଷ୍ଟ ମ୍ୟାଚ୍ ରୁ ବାହାରେ ଥିଲେ।

ପ୍ରକୃତରେ ଟିମ୍ ଇଣ୍ଡିଆ ଚାହୁଁଛି ଯେ ପ୍ରତ୍ୟେକ ଖେଳାଳି ବେନ୍ ଷ୍ଟୋକ୍ସ ଓ ମହମ୍ମଦ ସିରାଜଙ୍କ ପରି ଶକ୍ତି ପ୍ରଦର୍ଶନ କରନ୍ତୁ। ମହମ୍ମଦ ସିରାଜ ଇଂଲଣ୍ଡ ବିପକ୍ଷରେ ପାଞ୍ଚଟି ଟେଷ୍ଟରେ ୧୮୫.୩ ଓଭର ବୋଲିଂ କରିଥିଲେ। ଏହା ବ୍ୟତୀତ, ସେ ନେଟ୍ସରେ ପୃଥକ ଭାବରେ ବୋଲିଂ ଏବଂ ଫିଲ୍ଡିଂ କରିଥିଲେ। ସେ ଫିଟନେସର ସ୍ତରକୁ ଏକ ନୂତନ ସ୍ତରକୁ ନେଇଯାଇଛନ୍ତି।

ସିରାଜ, ପ୍ରସିଦ୍ଧ କୃଷ୍ଣ ଏବଂ ଆକାଶ ଦୀପଙ୍କ ପ୍ରଦର୍ଶନ ପ୍ରମାଣିତ କରିଛି ଯେ ସବୁଠାରୁ ବଡ ତାରକା ମଧ୍ୟ ଖେଳରୁ ଊର୍ଦ୍ଧ୍ୱରେ ନୁହଁନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ମଧ୍ୟ ଅନେକ ଅସୁବିଧା ସତ୍ତ୍ୱେ ଚତୁର୍ଥ ଟେଷ୍ଟ ପର୍ଯ୍ୟନ୍ତ ବହୁତ ଲମ୍ବା ସ୍ପେଲ ବୋଲିଂ କରିଥିଲେ। ଏହା ପ୍ରଶ୍ନ ଉଠାଏ ଯେ କାର୍ଯ୍ୟଭାର ପରିଚାଳନା ଜଣଙ୍କର ସୁବିଧା ଅନୁସାରେ ଗଢ଼ାଯାଏ କି ନାହିଁ।

ଏହି ସମୟରେ, ବିସିସିଆଇ ଗୌତମ ଗମ୍ଭୀରଙ୍କ ଏକ ଭିଡିଓ ପୋଷ୍ଟ କରିଛି ଯେଉଁଥିରେ ସେ ଏକ ଦଳ ସଂସ୍କୃତି ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ସେ ଏକ ଏପରି ଦଳ ଚାହାଁନ୍ତି ଯାହାର ମୂଳଦୁଆ। କଠିନ ପରିଶ୍ରମ ଏବଂ ପ୍ରଦର୍ଶନରେ ଉନ୍ନତି ଉପରେ ଆଧାରିତ। ସେ ବିଶ୍ୱାସ କରନ୍ତି ଯେ ଖେଳାଳିମାନେ ଆସିବେ। ଯିବେ। କିନ୍ତୁ ଦଳର ଏହି ଚିନ୍ତାଧାରା ଏବଂ ପରିବେଶ ପରିବର୍ତ୍ତନ ହେବା ଉଚିତ ନୁହେଁ। ଗମ୍ଭୀରଙ୍କ ମତରେ, ଯଦି ଏପରି ପରିବେଶ ରହେ, ତେବେ ଟିମ୍ ଇଣ୍ଡିଆ। ଦୀର୍ଘ ସମୟ ପାଇଁ ଟେଷ୍ଟ ଦଳରେ ସଫଳ ରହିବ।

## କାହିଁକି ଅନୁତପ୍ତ ହ୍ୟାରି ବ୍ରୁକ୍

ନୂଆଦିଲ୍ଲୀ,୬।୮ : କ୍ରିକେଟର ହ୍ୟାରି ବ୍ରୁକ ପ୍ଲେୟାର ଅଫ୍ ଦି ସିରିଜ ପୁରସ୍କାର ପାଇବା ପରେ ନିଜର ପ୍ରତିକ୍ରିୟା ଦେଇଛନ୍ତି। ଇଂଲଣ୍ଡରେ ଟେଷ୍ଟ ସିରିଜରେ ପ୍ଲେୟାର ଅଫ୍ ଦି ସିରିଜର ବିଜେତା ଉଭୟ ଦଳର ମୁଖ୍ୟ ପ୍ରଶିକ୍ଷକଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଥିଲା। ଇଂଲଣ୍ଡ ପ୍ରଶିକ୍ଷକ ବ୍ରେଣ୍ଡନ ମ୍ୟାକକୁଲମ ଏହି ପୁରସ୍କାର ପାଇଁ ଶୁଭମନ ଗିଲଙ୍କ ନାମ ଚୟନ କରିଥିବା ବେଳେ ଭାରତୀୟ ଦଳର ପ୍ରଶିକ୍ଷକ ଗୌତମ ଗମ୍ଭୀର ହ୍ୟାରି ବ୍ରୁକଙ୍କ ନାମ ବାଛିଥିଲେ। ସୂଚନାଯୋଗ୍ୟ, ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜରେ ଶୁଭମନ ଗିଲ ସର୍ବାଧିକ ୭୫୪ ରନ କରିଥିବା ବେଳେ ଜୋ ରୁଟ ୫୩୭ ରନ, କେଏଲ ରାହୁଲ ୫୩୨ ରନ, ରବିନ୍ଦ୍ର ଜାଡେଜା ୫୧୬ ରନ ଏବଂ ହ୍ୟାରି ବ୍ରୁକ ୪୮୧ ରନ କରିଥିଲେ। ବିବିସି ସହିତ କଥାବାର୍ତ୍ତା ସମୟରେ ହ୍ୟାରି ବ୍ରୁକ୍ କହିଛନ୍ତି, ମୁଁ ଅଧିକ ରନ କରି ନଥିଲି, ତେଣୁ ମୁଁ ଭାବୁଛି ଜୋ ରୁଟ୍ ପ୍ଲେୟାର ଅଫ୍ ଦି ସିରିଜ ପୁରସ୍କାର ପାଇବା ଉଚିତ ଥିଲା। ଏହି ସିରିଜ ବହୁତ ଭଲ ଥିଲା। ସତ କହିବାକୁ ଗଲେ, ମୁଁ ପ୍ରଥମେ ଭାବି ନଥିଲି ଯେ ସିରିଜ ଟାଇ ହେବ। ଗୌତମ ଗମ୍ଭୀରଙ୍କ ଏହି ନିଷ୍ପତ୍ତି ଯୋଗୁଁ ସୋସିଆଲ ମିଡିଆରେ ମୋତେ ବହୁତ ଟ୍ରୋଲ୍ କରାଯାଉଛି। ସମସ୍ତେ ଆଶ୍ଚର୍ଯ୍ୟ ହେଉଛନ୍ତି ଯେ କମ ରନ କରିଥିବା ସତ୍ତ୍ୱେ ଭାରତୀୟ ପ୍ରଶିକ୍ଷକ ହ୍ୟାରି ବ୍ରୁକଙ୍କୁ ପ୍ଲେୟାର ଅଫ୍ ଦି ସିରିଜ ପାଇଁ କାହିଁକି ଚୟନ କଲେ।'

## ଅଗଷ୍ଟରେ ନାହିଁ ସିରିଜ

ନୂଆଦିଲ୍ଲୀ,୫।୮ : ଇଂଲଣ୍ଡ ବିପକ୍ଷରେ ଭାରତୀୟ ପୁରୁଷ କ୍ରିକେଟ ଦଳର ରୋମାଞ୍ଚକର ପାଞ୍ଚ ଟେଷ୍ଟ ସିରିଜ ୨-୨ରେ ଡ୍ର ହୋଇଛି। ଆଠ ବର୍ଷ ପରେ ଏକ ସିରିଜରେ ସମସ୍ତ ମ୍ୟାଚ ଶେଷ ଦିନ ପର୍ଯ୍ୟନ୍ତ ଖେଳାଯାଇଥିଲା। ଏହି ସିରିଜରେ ଅନେକ ଖେଳାଳି ଆହତ ହୋଇଥିବା ବେଳେ ମହମ୍ମଦ ସିରାଜ ଏକମାତ୍ର ଦ୍ରୁତ ବୋଲର ଥିଲେ ଯିଏ ସମସ୍ତ ଇନିଂସରେ ବୋଲିଂ କରିଥିଲେ। ଖେଳାଳି, କୋଚ ଓ କର୍ମଚାରୀମାନେ ଏବେ ଏକ ଦୀର୍ଘ ବିଶ୍ରାମର ଅପେକ୍ଷାରେ ଅଛନ୍ତି।

ସିରିଜ୍ ଶେଷ ହେବା ପରେ ସୋସିଆଲ ମିଡିଆରେ ପ୍ରଶଂସକମାନେ ଭାରତୀୟ ପୁରୁଷ ଦଳର ପରବର୍ତ୍ତୀ ମ୍ୟାଚ୍ କେବେ ବୋଲି ପଚାରିବା ଆରମ୍ଭ କରିଛନ୍ତି। ଅଫିସିଆଲ ସୂଚୀ ଅନୁସାରେ, ଭାରତର ପରବର୍ତ୍ତୀ ମ୍ୟାଚ୍ ହେଉଛି ୨୦୨୫ ଏସିଆ। କପରେ ସେପ୍ଟେମ୍ବର ୧୦ରେ ୟୁଏଇ ବିପକ୍ଷରେ, ଟି-୨୦ ଫର୍ମାଟରେ। ଏହାପରେ ସେପ୍ଟେମ୍ବର ୧୪ରେ ପାକିସ୍ତାନ ଓ ୧୯ରେ ଓମାନ ବିପକ୍ଷରେ ଖେଳିବ। ଗ୍ରୁପ୍ ଷ୍ଟେଜରେ ଶୀର୍ଷ ଦୁଇରେ ରହି ସୁପର-ଫୋର ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଭାରତ ଲକ୍ଷ୍ୟ ରଖିଛି, ଯେଉଁଥିରୁ ଶୀର୍ଷ ଦୁଇ ଦଳ ଫାଇନାଲରେ ପ୍ରବେଶ କରିବ। ଏହାର ଅର୍ଥ ପ୍ରଶଂସକମାନଙ୍କୁ ଭାରତୀୟ ଦଳକୁ ପୁଣି ମଇଦାନରେ ଦେଖିବା ପାଇଁ ପ୍ରାୟ ପାଞ୍ଚ ସପ୍ତାହ ଅପେକ୍ଷା କରିବାକୁ ପଡ଼ିବ।

# ଏସିଆ କପ୍‌ରେ ଶକ୍ତିଶାଳୀ ଯୁବ ଦଳ

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ଭାରତୀୟ ଦଳର ଇଂଲଣ୍ଡ ଗସ୍ତ ଶେଷ ହୋଇଛି। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୨-୨ରେ ବରାବର ରହିଛି। ଶୁଭମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ୍ ଏବଂ ସାଇ ସୁଦର୍ଶନ ଇଂଲଣ୍ଡ ଗସ୍ତରେ ଭଲ ପ୍ରଦର୍ଶନ କରିଛନ୍ତି। ତେବେ ଗିଲ୍ ଏବଂ ଜୟସ୍ୱାଲ୍ ସିରିଜ୍ ବରାବର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଏହି ଖେଳାଳିମାନେ ଏସିଆ। କପ୍ ୨୦୨୫ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବା ପାଇଁ ଦୌଡ଼ରେ ଅଛନ୍ତି।

ଶୁଭମନ ଗିଲ୍ ଏବଂ ଯଶସ୍ୱୀ ଜୟସ୍ୱାଲ୍ କିଛି ସମୟ ପାଇଁ ଭାରତୀୟ ଟି-୨୦ ଦଳରୁ ବାହାରେ ଅଛନ୍ତି। ଏବେ ଦେଢ଼ ମାସ ଧରି ଟେଷ୍ଟ ସିରିଜ୍ ପରେ, ଉଭୟ ଏସିଆ କପ୍ ପାଇଁ ଉପଲବ୍ଧ ହୋଇପାରିବେ। ବିସିସିଆଇ ସୂତ୍ର ଅନୁଯାୟୀ, ଚୟନକର୍ତ୍ତା ଖେଳାଳିଙ୍କ ପାଇଁ ସମସ୍ତ ବିକଳ୍ପ ଖୋଲା ରଖିଛନ୍ତି। ଏସିଆ। କପ୍ ୨୦୨୫ ପାଇଁ ଭାରତୀୟ ଦଳ ଅଗଷ୍ଟ ତୃତୀୟ ସପ୍ତାହରେ ଚୟନ ହେବାର ସମ୍ଭାବନା ରହିଛି, କାରଣ ଏସିଆ। କପ୍ ୨୦୨୫ ସେପ୍ଟେମ୍ବର ୯ ରୁ ଆରମ୍ଭ ହେଉଛି। ବିସିସିଆଇର ସୂତ୍ର ମୁତାବକ ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମାଙ୍କ ଦମଦାର ପ୍ରଦର୍ଶନ ସତ୍ତ୍ୱେ ଗିଲ୍, ଜୟସ୍ୱାଲ ଓ ସୁଦର୍ଶନଙ୍କୁ ଟି-୨୦ ଦଳରେ ସ୍ଥାନ ମିଳିପାରେ। ଯଦି କୌଣସି ଦଳ ୨୧ ଦିନ ଧରି ଆୟୋଜିତ ହେବାକୁ ଥିବା ଏସିଅ କପର ଫାଇନାଲ ପର୍ଯ୍ୟନ୍ତ ଖେଳନ୍ତି, ତେବେ ଛଅଟି ଟି-୨୦ ମ୍ୟାଚ୍ ହେବ। ଏସିଆ କପ୍ ପାଇଁ ୧୭ ଜଣିଆ। ଦଳ ଚୟନ କରିବାକୁ ଅନୁମତି ପାଇବା ପରେ, ଚୟନକର୍ତ୍ତାମାନେ ସମସ୍ତ ବିକଳ୍ପକୁ ସାବଧାନତାର ସହ ବିଚାର କରୁଛନ୍ତି। ଏସିଆ। କପ୍ ୨୦୨୫ ୟୁଏଇ ମାଟିରେ ଅନୁଷ୍ଠିତ ହେବାକୁ ଯାଉଛି ଏବଂ ଟି-୨୦ ବିଶ୍ୱକପକୁ ଦୃଷ୍ଟିରେ ରଖି, ଯଶସ୍ୱୀ ଜୟସଓ୍ୱାଲ, ଶୁଭମନ ଗିଲ ଏବଂ ସାଇ ସୁଦର୍ଶନ ଶ୍ରେଷ୍ଠ ଟପ୍ ଅର୍ଡର ଖେଳାଳି ହୋଇପାରିବେ। ବର୍ତ୍ତମାନ, ଭାରତ ପାଇଁ ଟି୨୦ ଦଳରେ ଓପନିଂ ଦାୟିତ୍ୱରେ ଅଭିଷେକ ଶର୍ମା ଏବଂ ସଞ୍ଜୁ ସାମସନ ଅଛନ୍ତି।

# ଡବ୍ଲୁସିଏଲ୍ ପଏଣ୍ଟ ଟେବୁଲରେ ଉଠିଲା ଭାରତ

ଦୁବାଇ,୬।୮ : ଦ ଓଭାଲରେ ଭାରତୀୟ ଟିମ ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟର ୫ମ ଦିନରେ ହାସଲ କରିଛି ନାଟକୀୟ ବିଜୟ। ଏହି ବିଜୟ ସହ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ୨-୨ରେ ଶେଷ ହୋଇଛି। ଭାରତ ମାତ୍ର ୬ ରନରେ ଇଂଲଣ୍ଡକୁ ହରାଇ ଟେଷ୍ଟ କ୍ରିକେଟରେ ନିଜର ସବୁ ଠାରୁ ଛୋଟ ବ୍ୟବଧାନର ବିଜୟ ହାସଲ କରିଛି। ଅର୍ଥାତ ଭାରତ କେବେ ହେଲେ ଏବେ ଏତେ କମ ରନରେ ବିଜୟୀ ହେବାର ନଜିର ନଥିଲା।

୫ମ ଟେଷ୍ଟର ୫ ଦିନରେ ଇଂଲଣ୍ଡକୁ ୩୫ ରନ ଦରକାର ଥିଲା। ଦଳ ୩୭୪ ରନର ବିଜୟ ଟାର୍ଗେଟକୁ ହାସଲ କରିନେବ ବୋଲି ସମସ୍ତେ ଆଶା ରଖିଥିଲେ। କିନ୍ତୁ ୫୩ଟି ବଲରେ ଭାରତ ପୂରା ମ୍ୟାଚ୍‌ର ମୋଡ ବଦଳାଇ ଦେଇଥିଲା। ଇଂଲଣ୍ଡ ଦିବସର ଆରମ୍ଭ ଜାମି ଓଭରଟନଙ୍କ ଡବଲ ଚୌକାରୁ ଆରମ୍ଭ କରିଥିଲା।

ହେଲେ ମହମ୍ମଦ ସିରାଜ ବୋଲ୍ଡ କରି ଖେଳ ଶେଷ କରିଥିଲେ। ସେ ଗସ ଅଟକିସନଙ୍କୁ ବୋଲ୍ଡ କରି ଇଂଲଣ୍ଡ ହାତରୁ ବିଜୟ ଛଡାଇ ଆଣିଥିଲେ। ସିରାଜ ୫ ୱିକେଟ ନେଇଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୪ ୱିକେଟ ମିଳିଛି। ପ୍ରଥମ ଇନିଂସରେ ପ୍ରସିଦ୍ଧ ୪ ଓ ସିରାଜ ୪ଟି ଲେଖାଏ ୱିକେଟ ନେଇଥିଲେ।

ଏହି ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ବା WTC ପଏଣ୍ଟ ଟେବୁଲରେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠିଛି।



ତଥାପି ଦଳ ତୃତୀୟ ସ୍ଥାନରେ ରହିଛି। ପୂର୍ବରୁ ଇଂଲଣ୍ଡ ତୃତୀୟ ସ୍ଥାନରେ ଥିବା ବେଳେ ଭାରତ ଠାରୁ ହାରି ୪ର୍ଥକୁ ଖସି ଯାଇଛି।ପୂର୍ବ ଭଳି ଅଷ୍ଟ୍ରେଲିଆ ୩ଟି ଟେଷ୍ଟରୁ ୩ଟି ଜିତି ୧୦୦% ବିଜୟ ପ୍ରତିଶତ ସହ ୧ନଂରେ ରହିଛି। ଶ୍ରୀଲଙ୍କା ୨ଟି ଟେଷ୍ଟ ଖେଳି ୧ ବିଜୟ ଓ ୧ ଡ୍ର ସହ ଦ୍ୱିତୀୟରେ ଅଛି। ଦଳର ବିଜୟ ପ୍ରତିଶତ ପଏଣ୍ଟ ୫୬.୬୭। ଭାରତ ୪୬.୬୭ ବିଜୟ ପ୍ରତିଶତ ପଏଣ୍ଟ ସହ ତୃତୀୟ ଓ ଇଂଲଣ୍ଡ ୪୩.୩୩ ବିଜୟ ପ୍ରତିଶତ ସହ ୪ର୍ଥରେ ରହିଛି। ଭାରତ ଓ ଇଂଲଣ୍ଡ ୨୦୨୫-୨୭ ଟେଷ୍ଟ ଚକ୍ରରେ ୫ଟି ଲେଖାଏ ମ୍ୟାଚ୍ ଖେଳିଛନ୍ତି।

## ଆଇସିସି ରାଙ୍କିଙ୍ଗରେ ବଡ଼ ଅଦଳବଦଳ

ନୂଆଦିଲ୍ଲୀ,୬।୮ : ମହମ୍ମଦ ସିରାଜ ଆଇସିସି ରାଙ୍କିଙ୍ଗରେ ୧୨ ସ୍ଥାନର ଏକ ବିରାଟ ଲମ୍ଫ ମାରିଛନ୍ତି। ଯଶସ୍ୱୀ ଜୟସ୍ୱାଲ ଶ୍ରେଷ୍ଠ ୫ରେ ଆସିଛନ୍ତି। ଭାରତ ବନାମ ଇଂଲଣ୍ଡ ୫ମ ଟେଷ୍ଟ ପରେ, ଆଇସିସି ବୁଧବାର ରାଙ୍କିଙ୍ଗକୁ ଅପଡେଟ କରିଛି। ପୂର୍ବରୁ ସିରାଜ ଟେଷ୍ଟ ବୋଲିଂ ରାଙ୍କିଙ୍ଗ ତାଲିକାରେ ୨୭ ତମ ସ୍ଥାନରେ ଥିଲେ। ଜୟସ୍ୱାଲ ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ୫ମ ସ୍ଥାନରେ ପହଞ୍ଚିଛନ୍ତି। ସିରାଜ ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟରେ ମୋଟ ୯ ଉଇକେଟ୍ ଏବଂ ଦ୍ୱିତୀୟ ଇନିଂସରେ ୫ ଉଇକେଟ୍ ନେଇଥିଲେ। ଏହି ଚମତ୍କାର ପ୍ରଦର୍ଶନ ଯୋଗୁଁ ଭାରତ ୬ ରନରେ ମ୍ୟାଚ ଜିତିଥିଲା ଏବଂ ସିରାଜଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଇସିସି ରାଙ୍କିଙ୍ଗରେ ତାଙ୍କୁ ଏଥିପାଇଁ ପୁରସ୍କାର ମଧ୍ୟ ମିଳିଛି। ମହମ୍ମଦ ସିରାଜ ୬୭୪ ରେଟିଂ ସହିତ ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ୧୫ ନମ୍ବରରେ ଅଛନ୍ତି। ସେ ଏକ ବଡ଼ ଲମ୍ଫ ମାରିଛନ୍ତି, ସେ ପୂର୍ବରୁ ୨୭ ତମ ସ୍ଥାନରେ ଥିଲେ। ବୋଲିଂରେ ଜସପ୍ରିତ ବୁମରାହ (ଭାରତ)- ୮୮୯, କାଗିସୋ ରାବାଡା (ଦକ୍ଷିଣ ଆଫ୍ରିକା)- ୮୫୧, ପାଟ କମିନ୍ସ(ଅଷ୍ଟ୍ରେଲିଆ)- ୮୩୮, ମ୍ୟାଟ ହେନରୀ (ନ୍ୟୁଜିଲାଣ୍ଡ)- ୮୧୭ ଓ ଜଶ ହାଜେଲଉଡ (ଅଷ୍ଟ୍ରେଲିଆ)- ୮୧୫।

# ୨୧ ଶତକ, ୭୧୮୭ ରନ୍

ଲଣ୍ଡନ୍,୬।୮ : ଲିଡ୍ସରେ ୫ ୱିକେଟ୍ ପରାଜୟ, ବର୍ମିଂହାମରେ ୩୩୬ ରନ୍ ବିଜୟ, ଲର୍ଡସରେ ୨୨ ରନ୍ ପରାଜୟ, ମାଞ୍ଚେଷ୍ଟରରେ ଅପ୍ରତ୍ୟାଶିତ ଡ୍ର' ପରେ ଓଭାଲ୍ରେ ଉତ୍କଣ୍ଠାପୂର୍ଣ୍ଣ ୬ ରନ୍ ବିଜୟ ସହ ଭାରତୀୟ ଦଳ ଇଂଲଣ୍ଡ ଗସ୍ତର ୫ ମ୍ୟାଚ୍ ଟେଷ୍ଟ ଶୃଙ୍ଖଳାକୁ ୨-୨ରେ ଡ୍ର' ରଖିଛି। ଶୁବମନ ଗିଲଙ୍କ ଯୁବ ବାହିନୀ ଇଂଲଣ୍ଡ ଗସ୍ତରେ ଅବିସ୍ମରଣୀୟ ଶୃଙ୍ଖଳା ବରାବର କରି ଭାରତୀୟ କ୍ରିକେଟ୍ ଦୁନିଆରେ ନୂଆ ଉନ୍ମାଦନା ଭରି ଦେଇଛି। ତେବେ ଏହି ଶୃଙ୍ଖଳା ପାଇଁ ଉପଲବ୍ଧ ଅଧିକାଂଶ ପିଚ୍ ଫ୍ଲାଟ୍ ଥିବାରୁ ରନ୍ ବର୍ଷା ହୋଇଥିଲା। ଉଭୟ ଦଳର ବ୍ୟାଟର୍ ମୋଟ ୭୧୮୭ ରନ୍ ସଂଗ୍ରହ କରିଥିଲେ। ଯାହାକି ଟେଷ୍ଟ୍ କ୍ରିକେଟ୍ ଇତିହାସରେ ଦ୍ୱିତୀୟ ସର୍ବାଧିକ। ୩୦୦ରୁ ଊର୍ଦ୍ଧ୍ୱ ସ୍କୋର୍ ୧୪ ଥର ନଜରକୁ ଆସିବା ମଧ୍ୟ ଯୁଗ୍ମ ସର୍ବାଧିକ ଭାବେ ରେକର୍ଡର ସମକକ୍ଷ ହୋଇଛି। ୯ ଜଣ ଖେଳାଳି ୪୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ




କରିଛନ୍ତି। ଭାରତୀୟ ଅଧିନାୟକ ଶୁବମନ ଗିଲ୍ ସର୍ବାଧିକ ୭୫୪ ରନ୍ ସଂଗ୍ରହ କରିଥିବା ବେଳେ ଜୋ ରୁଟ୍ (୫୩୭), କେଏଲ୍ ରାହୁଲ (୫୩୨), ରବୀନ୍ଦ୍ର ଜାଡ଼େଜା (୫୧୬) ପ୍ରମୁଖ ୪ ଜଣ ୫୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ଏହି ଶୃଙ୍ଖଳା ମଧ୍ୟ ୫୦ଟି ଉଦାହରଣ ରଖିଛି ଅର୍ଦ୍ଧଶତକର ଯାହାକି ଆଉ ଏକ ସର୍ବକାଳୀନ ଯୁଗ୍ମ ଶୀର୍ଷ ସ୍ଥାନ ଦେଇଛି।

ଏକ ୫ ମ୍ୟାଚ୍ ଶୃଙ୍ଖଳାରେ ମୋଟ ୨୧ ଶତକ ମଧ୍ୟ ସର୍ବୋଚ୍ଚ ରେକର୍ଡ କରିଛି। ୧୯ ଶତକୀୟ ଭାଗୀଦାରି ମଧ୍ୟ ଟେଷ୍ଟ କ୍ରିକେଟ୍ ଇତିହାସରେ ଯୁଗ୍ମ ସର୍ବୋଚ୍ଚ। ଟେଷ୍ଟ କ୍ରିକେଟ୍ ଇତିହାସରେ ତୃତୀୟ ଥର ପାଇଁ ଏକ ଚତୁର୍ଥ ପାଳିରେ ୩୦୦ ରନ୍ ବେଳକୁ ମାତ୍ର ୩ ୱିକେଟ୍ ହରାଇ ଏକ ଦଳ ହାରିଲା। ପୂର୍ବ ଦୁଇଟି ଉଦାହରଣ ଥିଲା ୧୯୭୮-୭୯ରେ ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ। ୩୦୫/୩ରୁ ୩୧୦ ଅଲ୍ଅାଉଟ୍ ଏବଂ ୨୦୦୭-୦୮ରେ ଅଷ୍ଟ୍ରେଲିଆ। ବିପକ୍ଷରେ ୱେଷ୍ଟଇଣ୍ଡିଜ୍ ୩୦୩/୩ରୁ ୩୮୭ ଅଲ୍ଆଉଟ୍। ଓଭାଲରେ ଇଂଲଣ୍ଡ ୩୭୪ ରନକୁ ପିଛା କରି ୩୦୧/୩ରେ ଥିଲେ ମଧ ୩୬୭ ରନରେ ଅଲ୍ଆଉଟ୍ ହୋଇଯାଇଥିଲା। ୩୩୨/୪ ସ୍ଥିତିରୁ ପରାଜୟ ବରଣ କରିବା ସର୍ବୋଚ୍ଚ ରନ୍ ତାଲିକାରେ ମଧ୍ୟ ଇଂଲଣ୍ଡ ଦ୍ୱିତୀୟରେ ରହିଛି। ଶୀର୍ଷରେ ମଧ ସେହି ଇଂଲଣ୍ଡ ରହିଛି, ୧୯୭୬-୭୭ ମେଲ୍ବର୍ଣ୍ଣ ଟେଷ୍ଟରେ ୩୪୬/୪ରୁ ୪୧୭ ରନରେ ଅଲ୍ଆଉଟ୍ ହୋଇଯାଇଥିଲା। ପ୍ରଥମ ଥର ପାଇଁ ଭାରତ ଦେଶ ବାହାରେ ଏକ ଶୃଙ୍ଖଳାର ପଞ୍ଚମ କି ଷଷ୍ଠ ମ୍ୟାଚ୍ ଜିତିଛି। ୬ ରନ୍ ବ୍ୟବଧାନ ମଧ୍ୟ ଭାରତ ପାଇଁ ସବୁଠାରୁ ସ୍ୱଳ୍ପ ପୂର୍ବରୁ ସର୍ବନିମ୍ନ ରନ୍ ବ୍ୟବଧାନ ବିଜୟ ୨୦୦୪-୦୫ ଅଷ୍ଟ୍ରେଲିଆ। ବିପକ୍ଷରେ ମୁମ୍ବାଇ ଟେଷ୍ଟେ ଥିଲା। ସେଠାରେ ଭାରତ ୧୩ ରନରେ ଜିତିଥିଲା।

# ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ

ଭୁବନେଶ୍ୱର,୬।୮ : ଆଉ ୩ ଦିନ ରହିଲା। ଆସନ୍ତା ୧୦ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର (ବ୍ରୋଞ୍ଜ ଲେଭେଲ) ୨୦୨୫। ବିଶ୍ୱ ଆଥଲେଟିକ୍ସ, ଭାରତୀୟ ଆଥଲେଟିକ୍ସ ସଂଘ (ଏଏଫ୍ଆଇ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେଉଛି । ଆସନ୍ତା ୯ ତାରିଖରୁ ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବା ଆରମ୍ଭ କରିବେ। ୧୯ଟି ଦେଶରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। କ୍ରୀଡ଼ା ସଚିବ, କ୍ରୀଡ଼ା ନିର୍ଦ୍ଦେଶକ ବାରମ୍ବାର ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି। କ୍ରୀଡ଼ାମନ୍ତ୍ରୀ ମଧ୍ୟ ଏହା ଉପରେ ସତର୍କ ନଜର ରଖିଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବାନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ବାରମ୍ବାର ଆଲୋଚନା ଚଳାଛନ୍ତି । କଳିଙ୍ଗ ଷ୍ଟାଡିୟମରେ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜିତ ହେଉଛି। ପୂର୍ବରୁ ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ବେଶ ସଫଳତାର ସହ ଆୟୋଜିତ ହୋଇଥିଲା ରାଞ୍ଚି ଆୟୋଜନରୁ ଓହରିବା ପରେ ମାତ୍ର ୯୦ ଦିନ ମଧ୍ୟରେ ରାଜ୍ୟ ସରକାର ଷ୍ଟାଡିୟମର ପୁନରୁଦ୍ଧାର କାର୍ଯ୍ୟ ସମ୍ପନ୍ନ କରିଥିଲେ । ମୁଖ୍ୟ ଷ୍ଟାଡିୟମରେ ନୂଆ। ସିନ୍ଥେଟିକ୍ ଟ୍ରାକ୍ ସହ ଫ୍ଲଡ୍‌ଲାଇଟର ବ୍ୟବସ୍ଥା କରାଯାଇଥିଲା ସେହିପରି ଏକ ନୂଆ। ଅଭ୍ୟାସ ଗ୍ରାଉଣ୍ଡ ମଧ୍ୟ ନିର୍ମାଣ ହୋଇଥିଲା। ଜୁଲାଇ ୬ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ୪୧ଟି ଦେଶରୁ ୫୬୦ ଜଣ କ୍ରୀଡ଼ାବିତ ଭାଗ ନେଇଥିଲେ। ଏଥର ୧୯ରୁ ଊର୍ଦ୍ଧ୍ୱ ଦେଶରୁ ଖେଳାଳି ଆସିବେ। ଏହି ପ୍ରତିଯୋଗିତା ମାତ୍ର ଗୋଟିଏ ଦିନରେ ଶେଷ ହେବ ପ୍ରଥମ ଥର ଏଭଳି ପ୍ରତିଯୋଗିତା ଭାରତରେ ଆୟୋଜିତ ହେଉଛି।

୨୦୧୭ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ସମୟରେ କଳିଙ୍ଗ ଷ୍ଟାଡିୟମରେ ଯେତିକି ସୁବିଧା ରହିଥିଲା, ଏବେ ତାର ବହୁଗୁଣା ବଢ଼ି ଯାଇଛି। ମୁଖ୍ୟ ଷ୍ଟାଡିୟମ ସହ ଅଭ୍ୟାସ ଗ୍ରାଉଣ୍ଡ ଅଛି ମୁଖ୍ୟ ଷ୍ଟାଡିୟମରେ ପ୍ରତିଯୋଗିତା ଆୟୋଜିତ ହେବ ଅଭ୍ୟାସ ଗ୍ରାଉଣ୍ଡରେ ଖେଳାଳିମାନେ ପ୍ରସ୍ତୁତ ହେବେ ।

ଏତଦବ୍ୟତୀତ କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ହୋଇଛି ଦକ୍ଷିଣ ଏସିଆର ପ୍ରଥମ ଇନ୍‌ଡୋର ଆଥଲେଟିକ୍ସ ଷ୍ଟାଡିୟମ। ଯାହା ମୁଖ୍ୟ ଷ୍ଟାଡିୟମର ଖୁବ ନିକଟରେ ରହିଛି। ଏହି ଇନଡୋର ଷ୍ଟାଡିୟମ ବିଶ୍ୱ ଆଥଲେଟିକ୍ସ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏଥିରେ ୨୦୦ ମିଟର ଟ୍ରାକ୍ ରହିଛି। ୧୦୦ ମିଟର ଅଭ୍ୟାସ ଟ୍ରାକ୍ ସହ ସଟପୁଟ, ଲଙ୍ଗ ଜମ୍ପ ଓ ପୋଲ ଭଲ୍ଟ ପାଇଁ ସୁବିଧା କରାଯାଇଛି । ଯଦି ପ୍ରବଳ ଖରା କିମ୍ବା ବର୍ଷା ଯୋଗୁ ଖେଳାଳିମାନେ।ବାହାରେ ଅଭ୍ୟାସ କରିନପାରନ୍ତି, ତେବେ ସେମାନେ ଇନ୍‌ଡୋର ଷ୍ଟାଡିୟମରେ ଅଭ୍ୟାସ କରିପାରିବେ ଏହା ସଂପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଅଟେ।

ସେମିତି ମୁଖ୍ୟ ଷ୍ଟାଡିୟମରେ ଅତ୍ୟାଧୁନିକ ଜିମ୍ ଓ ଅତି ନିକଟରେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ରହିଛି କ୍ରୀଡ଼ା ବିଜ୍ଞାନ କେନ୍ଦ୍ରରେ ଆଥଲେଟମାନଙ୍କ ପାଇଁ ବିଶ୍ୱର ସବୁ ପ୍ରକାର ଅତ୍ୟାଧୁନିକ ସୁବିଧା କରାଯାଇଛି। ତେଣୁ ଗୋଟିଏ ଷ୍ଟାଡିୟମ ପରିସରରେ ଏତେ ସବୁ ଅତ୍ୟାଧୁନିକ ସୁବିଧା ସୁଯୋଗ ହୁଏତ ବିଶ୍ୱରେ ବିରଳ ହୋଇପାରେ। ଜଣେ ଖେଳାଳି ପାଦରେ ଚାଲି ଚାଲି ସବୁ ସୁବିଧା ଲାଭ କରି ପାରିବେ।

ଓଡ଼ିଶାରୁ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ



ଅନିମେଶ କୁଜୁର (୧୦୦ ଓ ୨୦୦ ମିଟର), ଲାଲୁ ପ୍ରସାଦ ଭୋଇ (୧୦୦ ଓ ୨୦୦ ମିଟର), କିଶୋର କୁମାର ଜେନା (ଜାଭେଲିନ), ବିକ୍ରାନ୍ତ ମଲ୍ଲିକ (ଜାଭେଲିନ), ଶ୍ରାବଣୀ ନନ୍ଦ (ମହିଳା ୧୦୦ ମିଟର) ଓ ପ୍ରଜ୍ଞା ସାହୁ (୧୦୦ ମିଟର ହର୍ଡଲ୍ସ)। ନିକଟରେ ଜର୍ମାନୀରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅନିମେଶ ଓ ଲାଲୁ ପ୍ରସାଦ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ୪ ଗୁଣା ୧୦୦ ମିଟରରେ ବ୍ରୋଞ୍ଜ ପଦକ ଜିତିଥିଲେ। ଚଳିତ ସିଜନରେ କିଶୋରଙ୍କ ପ୍ରଦର୍ଶନ ଭଲ ନାହିଁ। ହୁଏତ ନିଜ ଘରୋଇ ଗ୍ରାଉଣ୍ଡରେ ସେ ଶ୍ରେଷ୍ଠ ପ୍ରଦର୍ଶନ ଦେବେ।

ଯୋଗ୍ୟତା ମାନଦଣ୍ଡ ଅନୁସାରେ, ପୁରୁଷ ୧୦୦ ମିଟରରେ ୧୦.୬୦ ସେକେଣ୍ଡ, ୨୦୦ ମିଟରରେ ୨୧.୩୦ ସେକେଣ୍ଡ, ୪୦୦ ମିଟରରେ ୪୬.୨୦ ସେକେଣ୍ଡ, ୮୦୦୦ ମିଟରରେ ୧:୪୮.୫୦, ୧୫୦୦ ମିଟରରେ ୧୪:୧୦.୦୦, ଲଙ୍ଗ ଜମ୍ପରେ ୭.୮୦ ମିଟର, ଟ୍ରିପଲ ଜମ୍ପରେ ୧୬.୩୦ ମିଟର ଏବଂ ଜାଭେଲିନରେ ୭୫.୦୦ ମିଟର ରହିଛି ।

ସେମିତି ମହିଳା ୧୦୦ ମିଟରରେ ୧୧.୮୦ ସେକେଣ୍ଡ, ୨୦୦ ମିଟରରେ ୨୩.୫୦ ସେକେଣ୍ଡ, ୪୦୦ ମିଟରରେ ୫୩.୦୦ ସେକେଣ୍ଡ, ୮୦୦୦ ମିଟରରେ ୨:୦୫.୦୦, ୧୫୦୦ ମିଟରରେ ୪:୧୮.୦୦, ୧୦୦ ମିଟର ହର୍ଡଲ୍ସରେ ୧୩.୫୫ ସେକେଣ୍ଡ, ଲଙ୍ଗ ଜମ୍ପରେ ୬.୦୦ ମିଟର ଏବଂ ଜାଭେଲିନରେ ୫୨.୫୦ ମିଟର ରଖାଯାଇଛି ।

ଭାରତ ସମେତ ତୁର୍କମେନିସ୍ତାନ, ଭୁଟାନ, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ, ଭିଏତନାମ, ରିପବ୍ଲିକ ଅଫ୍ କାମେରୁନ୍, ଶ୍ରୀଲଙ୍କା, ଇରାନ ଏବଂ ମାଲଦ୍ୱୀପ ପ୍ରମୁଖ ଦେଶରୁ କ୍ରୀଡ଼ାବିତ ପ୍ରତିଯୋଗିତାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

ରାଜ୍ୟ କ୍ରୀଡ଼ା ବିଭାଗ ପ୍ରତିଯୋଗିତା ଆୟୋଜନ ନେଇ ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି। ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ,ଆସନ୍ତା ୧୦ ତାରିଖରେ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ୧୯ଟି ଦେଶରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱର୍ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ମୋଟ ୨୦ଟି ଇଭେଣ୍ଟ ଖେଳାଯିବ। ଓଡ଼ିଶାରେ ପ୍ରଥମ ଥର ବିଶ୍ୱ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍‌ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି।ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବିଶ୍ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌ର ସଫଳ ଆୟୋଜନ ନେଇ ଆମେ ପ୍ରସ୍ତୁତ ରହିଛୁ ଓଡ଼ିଶାର କ୍ରୀଡ଼ାବିତମାନେ ଭଲ ପ୍ରଦର୍ଶନ କରିବେ ବୋଲି ମୋର ବିଶ୍ୱାସ ରହିଛି ।

୨୦୧୭ ଏସିଆନ ଆଥଲେଟିକ୍ସରେ ଅଲିମ୍ପିଆନ ଦ୍ୟୁତି ଚାନ୍ଦ, ଶ୍ରାବଣୀ ନନ୍ଦ ଓ ପୂର୍ଣ୍ଣିମା ହେମ୍ବ୍ରମ ପଦକ ଜିତିବାରେ ସଫଳ ହୋଇଥିଲେ। ୧୦୦ ମିଟରରେ ଦ୍ୟୁତି ବ୍ରୋଞ୍ଜ ଜିତିଥିଲେ। ସେ ନିର୍ଦ୍ଧାରିତ ଦୂରତାକୁ ୧୧.୫୨ ସେକେଣ୍ଡ ନେଇଥିଲେ । ସେହିପରି ଦ୍ୟୁତି ଓ ଶ୍ରାବଣୀ ୪ ଗୁଣା ୧୦୦ ମିଟର ମହିଳା ରିଲେ ଦଳରେ ସାମିଲ ହୋଇ ବ୍ରୋଞ୍ଜ ଜିତିଥିଲେ। ହେପଟାଥଲନରେ ପୂର୍ଣ୍ଣିମା (୫୬୯୮ ପଏଣ୍ଟ) ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ପାଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ